୮୨ ବର୍ଷରେ ସଂଘ

ଇ. ସଂସ୍କରଣ

R.N.I. Regd. No. ORBIL-1997/1014
Postal Regd. No. : BN/61/24-26

ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବା ସଂଘର ମାସିକ ମୁଖପତ୍ର

# ଟେକ୍ନୋସ୍କ୍ରାଇବ୍

# The Technoscribe

MONTHLY ORGAN OF THE ODISHA DIPLOMA ENGINEERS' SERVICE ASSOCIATION

(୧୯୭୪ ମସିହାରୁ ଟେକ୍ନୋଟାଇମ୍ସ ଭାବରେ ପ୍ରକାଶିତ ଓ ପରେ ଟେକ୍ନୋସ୍କ୍ରାଇବ୍ ଭାବରେ ପୁନର୍ନାମିତ)

● ୧୯୭୪-୨୦୨୫ ● ୫୧ ବର୍ଷ ●

VOL. 28 NO.5 • NOVEMBER-2025 • ଚତୁତ୍ରିଂଶ ବର୍ଷ • ପଞ୍ଚମ ସଂଖ୍ୟା • ନଭେମ୍ବର-୨୦୨୫ • ଗ୍ରାହକ ଦେୟ : ପାଞ୍ଚଶହ ଟଙ୍କା (ଆଜୀବନ)




ଓଡ଼େଶା ଭବନରେ ଅନୁଷ୍ଠିତ ତୃତୀୟ ସାଧାରଣ ପରିଷଦ ବୈଠକ

# ଓଡ଼େଶାର ବିଭିନ୍ନ ଶାଖା କମିଟିରେ ଅନୁଷ୍ଠିତ ବାର୍ଷିକ ସାଧାରଣ ସଭା



ଝାରସୁଗୁଡ଼ା ଶାଖା କମିଟି




ସମ୍ବଲପୁର ଶାଖା କମିଟି



ରାୟଗଡ଼ା ଶାଖା କମିଟି



ବାଲେଶ୍ୱର ଶାଖା କମିଟି




ଭଦ୍ରକ ଶାଖା କମିଟି




ମାଲକାନଗିରି ଶାଖା କମିଟି

ଓଡ଼ିଶା ଡିପ୍ଲୋମା ଇଂଜିନିୟର
ସେବା ସଂଘର ମାସିକ ମୁଖପତ୍ର
"ଟେକ୍ନୋସ୍କ୍ରାଇବ୍"

Vol-28 No.-05
ଚତୁସ୍ତ୍ରିଂଶ ବର୍ଷ ★ ପଞ୍ଚମ ସଂଖ୍ୟା

ନଭେମ୍ବର - ୨୦୨୫

ସମୁଦାୟ ପୃଷ୍ଠା ସଂଖ୍ୟା-୨୮

ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବା ସଂଘ
୭, ଖାରବେଳ ନଗର, ୟୁନିଟ୍-୩
ଭୁବନେଶ୍ୱର-୭୫୧୦୦୧
ଫୋନ୍ : 0674-3501518
E-mail : odesa_1944@yahoo.com
Web. : www.odesa.co.in

**ସମ୍ପାଦନା ମଣ୍ଡଳୀ :**

ଇଂ. ପ୍ରଭାତ କୁମାର ନାୟକ -ସମ୍ପାଦକ
ଇଂ. ଶ୍ରୀଧର ବାରିକ - ସଦସ୍ୟ
ଇଂ. ସୁଦର୍ଶନ ବେହେରା - ସଦସ୍ୟ
ଇଂ. .ଶରତ କୁମାର ପୁହାଣ - ସଦସ୍ୟ
ଇଂ. ବିଶ୍ୱଭୂଷଣ ବେହେରା - ସଦସ୍ୟ

ଯୋଗାଯୋଗ :
୯୪୩୭୩୦୬୨୬୨

ପତ୍ରିକାର ଏକକାଳୀନ
ଗ୍ରାହକ ଦେୟ
ଟ.୫୦୦ଙ୍କା (ପାଞ୍ଚଶତ ଟଙ୍କା )



ସମ୍ପାଦକୀୟ......

# ଆମ ସଂଘ ମୁଖପତ୍ରର ନିରବତା

'ଓଡ଼େଶା'ର ମୁଖପତ୍ର ଟେକ୍ନୋସ୍କ୍ରାଇବ୍ ଅନିବାର୍ଯ୍ୟ କାରଣ ହେତୁ କିଛିଦିନ ଧରି ପ୍ରକାଶ ପାଇପାରି ନାହିଁ । ଗତ ଜୁଲାଇ-ଅଗଷ୍ଟ ୨୦୨୪ ବର୍ଷ ସଂଖ୍ୟା ମୁଦ୍ରିତ ହୋଇ ରାଜ୍ୟର କୋଣ ଅନୁକୋଣରେ ଥିବା ଏହାର ସହସ୍ରାଧିକ ସଦସ୍ୟସଦସ୍ୟାମାନଙ୍କୁ ପୂର୍ବଭଳି ଡାକଯୋଗେ ପଠାଯିବା ସମୟରେ ହଠାତ୍ ଡାକଘର ଏହାକୁ ଗ୍ରହଣ କରିବାକୁ ଅସମ୍ମତି ପ୍ରକାଶ କଲା । ଏହା ସଂଘ କର୍ମକର୍ତ୍ତାମାନଙ୍କୁ ବିସ୍ମିତ କଲା । ପୂର୍ବରୁ କୌଣସି ସୂଚନା ନ ଦେଇ ଡାକ ବିଭାଗ ହଠାତ୍ ଏପରି ବନ୍ଦ କରିବାର କାରଣ କର୍ମକର୍ତ୍ତାମାନେ ଖୋଜିଲେ । ଡାକ ବିଭାଗ ତରଫରୁ ସୂଚନା ମିଳିଲା ଯେ କେନ୍ଦ୍ର ସରକାରଙ୍କ ଅଧିନରେ ଥିବା ଭାରତର ସମ୍ବାଦପତ୍ର ପଞ୍ଜିକରଣ ସଂସ୍ଥା (RNI) ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବାସଂଘର ମୁଖପତ୍ର ଟେକ୍ନୋସ୍କ୍ରାଇବ୍‌ର ପଞ୍ଜିକରଣକୁ ସ୍ଥଗିତ ରଖି ଏହାକୁ ଡାକଯୋଗେ ପୂର୍ବ ନିର୍ଦ୍ଧାରିତ ସ୍ୱଳ୍ପ ମୂଲ୍ୟରେ ପଠାଯିବାକୁ ବାରଣ କରିଛି ।

ଏହା ଉପରେ ଅଧିକ ଅନୁସନ୍ଧାନ କରାଯିବା ପରେ ଜଣା ପଡ଼ିଲା ଯେ କେବଳ ଆମ 'ଓଡ଼େଶା'ର ମୁଖପତ୍ର 'ଟେକ୍ନୋସ୍କ୍ରାଇବ୍' ନୁହେଁ ଆମ ରାଜ୍ୟ ଓଡ଼ିଶା ସମେତ ସମଗ୍ର ଭାରତ ବର୍ଷର ଟେକ୍ନୋସ୍କ୍ରାଇବ୍ ଭଳି ଲକ୍ଷ ଲକ୍ଷ ସମ୍ବାଦ ପତ୍ର, ପତ୍ରପତ୍ରିକା ଏହି ପ୍ରକାର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ପୂର୍ବରୁ ଥିବା ଏହି ସମ୍ବନ୍ଧୀୟ ନୀତି ନିୟମରେ ବ୍ୟାପକ ପରିବର୍ତ୍ତନ କରାଯାଇଛି । ପୂର୍ବରୁ ଯେଉଁ କ୍ଷୁଦ୍ର ପତ୍ର ପତ୍ରିକା ଗୁଡ଼ିକ ଖୁବ୍ ସ୍ୱଳ୍ପ ମୂଲ୍ୟରେ ଡାକ ଯୋଗେ ପଠାଯାଇ ପାରୁଥିଲା, ତାହାର ମୂଲ୍ୟରେ କାହିଁ କେତେଗୁଣ ବୃଦ୍ଧି କରାଯାଇଛି, ଯେଉଁ ମୂଲ୍ୟ ଦେଇ 'ଟେକ୍ନୋସ୍କ୍ରାଇବ୍' ଭଳି କ୍ଷୁଦ୍ର ପତ୍ରିକା ଡାକଯୋଗେ ଗ୍ରାହକମାନଙ୍କ ନିକଟରେ ପହଞ୍ଚିବା ଆଦୌ ସମ୍ଭବପର ହେବନାହିଁ । ଗତ କିଛିବର୍ଷ ଧରି ସାଧାରଣ ଡାକ ଯୋଗେ ପଠାଯାଉଥିବା କ୍ଷୁଦ୍ର ପତ୍ରପତ୍ରିକା ଏହାର ଗ୍ରାହକମାନଙ୍କୁ ଡାକ ବିଭାଗ ଦ୍ୱାରା ବିତରଣ କରାନଯାଇ ଡାକଘର ମାନଙ୍କରେ ପଡ଼ିରହି ନଷ୍ଟ ହେଉଥିବା ଅଭିଯୋଗମାନ ବ୍ୟାପକ ଭାବେ ହୋଇଆସୁଛି । ଏବେ ନୂତନ ନିୟମରେ ଡାକଯୋଗେ ବର୍ଦ୍ଧିତ ହାରରେ ପଠାଇବା ଆଦୌ ସମ୍ଭବପର ହେବନାହିଁ । କ୍ଷୁଦ୍ର ପତ୍ରପତ୍ରିକା ଗୁଡ଼ିକ ପ୍ରକାଶ ପାଇ ନପାରି ସେମାନଙ୍କର ଅକାଳ ମୃତ୍ୟୁ ଘଟିବ ।

ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ନିର୍ବାଚିତ ଜନମଙ୍ଗଳ ସରକାର ସମାଜର ସାଧାରଣ ବର୍ଗର ଜନସାଧାରଣଙ୍କ ନିମିତ୍ତ 'ବହୁଜନ ହିତାୟ ବହୁଜନ ସୁଖାୟ' ନୀତିରେ କାର୍ଯ୍ୟ କରିବାକୁ ସମ୍ବିଧାନ କହୁଛି । କିନ୍ତୁ ବାସ୍ତବରେ ଏହା ହେଉନାହିଁ । ସାଧାରଣ ଜନତାଙ୍କ ସ୍ୱାଧୀନ ସ୍ୱର ଓ ସ୍ୱାଧୀନ ମତକୁ ବନ୍ଦ କରିଦେବାକୁ ଏକ ଜନମଙ୍ଗଳ ରାଷ୍ଟ୍ରର ନିର୍ବାଚିତ ସରକାର ଯଦି ନୀତି କରନ୍ତି, ସାଧାରଣ ଜନତାଙ୍କ ସ୍ୱର କିପରି ପ୍ରକାଶ ପାଇବ ? ଏବେ

ଯେଉଁ ପ୍ରତିଷ୍ଠିତ ଦୈନିକ ସମ୍ବାଦପତ୍ର ଗୁଡ଼ିକ ପ୍ରକାଶ ପାଉଛନ୍ତି, ସେଥିରେ ସାଧାରଣ ଜନତାଙ୍କ ସ୍ୱର ପ୍ରକାଶ ପାଇପାରୁ ନାହିଁ । ସେମାନଙ୍କ ଭଲ ମନ୍ଦ, ସୁବିଧା ଅସୁବିଧା ସେଥିରେ ପ୍ରକାଶ ପାଇବା ସମ୍ଭବପର ହେଉନାହିଁ । ବିଶେଷକରି ଶ୍ରମିକ କର୍ମଚାରୀ ବର୍ଗ ସଚେତନ ଗୋଷ୍ଠୀର ଓ ସଂଗଠିତ ହୋଇଥିବାରୁ ନିଜର ସୁଖ ଦୁଃଖ ଅଭାବ ଅସୁବିଧା ବିଷୟରେ ସ୍ୱର ଉତ୍ତୋଳନ କରନ୍ତି । ତେଣୁ ନିଜ ନିଜର ସଂଗଠନର ମୁଖପତ୍ର ଜରିଆରେ ସେମାନେ ଏସବୁ ପ୍ରତି ଜନସାଧାଣ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥାନ୍ତି । ସରକାର ବୋଧେ ଏହାକୁ ସହ୍ୟ କରିବାକୁ ପ୍ରସ୍ତୁତ ନୁହଁନ୍ତି । ତେଣୁ ପ୍ରକାରାନ୍ତରେ ଏହାର କଣ୍ଠରୋଧ ନିମିତ୍ତ ନୀତି ନିୟମରେ ଏପ୍ରକାର ପରିବର୍ତ୍ତନ ଆଣିଥିବା ମନେ ହେଉଛି । ଏହା ଉପରେ ବିସ୍ତୃତ ବିଚାର ବିମର୍ଷ କରାଯାଇ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣର ସମୟ ଆସିଛି । ଏହାର ବିକଳ୍ପ ବ୍ୟବସ୍ଥା ନିମିତ୍ତ ପଦକ୍ଷେପ ନିଆଯିବା ଆବଶ୍ୟକ ହେଉଛି ।

'ଟେକ୍ନୋସ୍କ୍ରାଇବ୍'କୁ ପୁନଃ ପ୍ରକାଶ କରି ସଦସ୍ୟସଦସ୍ୟାମାନଙ୍କ ନିକଟରେ ବୈଦ୍ୟୁତିକ ସଂସ୍କରଣ ଜରିଆରେ ପହଞ୍ଚାଇବା ନିମିତ୍ତ ନିଷ୍ପତ୍ତି ହୋଇଛି ପଞ୍ଜୀକରଣ ସଂସ୍ଥାର ପରିବର୍ତ୍ତିତ ନିୟମ ଅନୁଯାୟୀ ଆମ ପତ୍ରିକାର ପଞ୍ଜୀକରଣକୁ ନବୀକରଣ କରାଯିବା ନିମିତ୍ତ ପ୍ରଚେଷ୍ଟା ମଧ୍ୟ ଜାରୀ ରହିଛି । ପରିବର୍ତ୍ତିତ ପରିସ୍ଥିତି ସହ ସହଯୋଗ ନିମିତ୍ତ ବିନମ୍ର ନିବେଦନ ।

**ଇଂ. ପ୍ରଭାତ କୁମାର ନାୟକ**

**ସାଧାରଣ ସମ୍ପାଦକ, ଓଡ଼ିଶା ତଥା ସମ୍ପାଦକ, ଟେକ୍ନୋସ୍କ୍ରାଇବ୍**

# ଜରୁରୀ ସୂଚନା

ଓଡ଼ିଶାର ସମସ୍ତ ସଦସ୍ୟ ସଦସ୍ୟାମାନଙ୍କ ଅବଗତି ନିମିତ୍ତ ଜଣାଇ ଦିଆଯାଉଅଛି ଯେ, ପ୍ରତିବର୍ଷ ଡିସେମ୍ବର ମାସ ୩୧ ତାରିଖ ପର୍ଯ୍ୟନ୍ତ ଥିବା ନିଜ ନିଜର ଅର୍ଜିତ ସମ୍ପତ୍ତି ତାଲିକା ବା ପ୍ରପର୍ଟି ଷ୍ଟେଟ୍‌ମେଣ୍ଟ୍ ତା'ପର ବର୍ଷ ଜାନୁଆରୀ ମାସ ୩୧ ତାରିଖ ସୁଦ୍ଧା ପୈଠ କରିବା ନିମିତ୍ତ ପୂର୍ବରୁ ସରକାରୀ ନିର୍ଦ୍ଦେଶନାମା ରହିଛି । ମାତ୍ର ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ କର୍ମଚାରୀ ନିଜ ନିଜର ସମ୍ପତ୍ତି ତାଲିକା ପୈଠ କରୁନଥିବାରୁ କର୍ମଚାରୀମାନଙ୍କର ପଦୋନ୍ନତି ଓ ଅନ୍ୟାନ୍ୟ ବୃତ୍ତିଗତ ସମସ୍ୟା ସମାଧାନ କରିବାରେ ସରକାର ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପ୍ରକାଶଥାଉକି, ନିଜର PAR ସହିତ ସମ୍ପତ୍ତି ତାଲିକା ଠିକ୍ ସମୟରେ ଦେଉନଥିବାରୁ ବିଭିନ୍ନ ବିଭାଗରେ ପଦୋନ୍ନତି, ଚାକିରି ନିୟମିତକରଣ ଓ ବାର୍ଷିକ ଅଭିବୃଦ୍ଧି ପ୍ରକ୍ରିୟା ବିଳମ୍ବିତ ହେଉଅଛି ଓ ଅଧିକାଂଶ କର୍ମଚାରୀ ଏଥିରୁ ବଞ୍ଚିତ ହେଉଛନ୍ତି । ଏପରିକି ଆଗାମୀ ଦିନରେ ସରକାର ଏହା ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରି ଦରମା ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ୨୦୨୪ ବର୍ଷ ନିମିତ୍ତ ଯେଉଁମାନେ ସମ୍ପତ୍ତି ତାଲିକା ପୈଠ କରିନାହାଁନ୍ତି ସେମାନଙ୍କ ନାମକୁ ବିଭାଗୀୟ ପଦୋନ୍ନତି କମିଟି ବା DPC ରେ ବିଚାର ନ କରିବା ନିମିତ୍ତ ସରକାର ସାଧାରଣ ପ୍ରଶାସନ ବିଜ୍ଞପ୍ତି ସଂଖ୍ୟା ୧୫୨୫ ତା ୨୩.୧୧.୨୦୨୫ ରିଖ ମାଧ୍ୟମରେ ନିର୍ଦ୍ଦେଶନାମା ପ୍ରକାଶ କରିଛନ୍ତି । ଏଥିସହିତ ଚଳିତ ୨୦୨୫ ବର୍ଷ ପାଇଁ ସମ୍ପତ୍ତି ତାଲିକା ୨୦୨୬ ମସିହା ଜାନୁଆରୀ ୩୧ ତାରିଖ ମଧ୍ୟରେ ବୈଠକ କରିବା ପାଇଁ ବାଧ୍ୟତାମୂଳକ କହିଛନ୍ତି ଓ ଏହାକୁ ଶତପ୍ରତିଶତ ହାସଲ ପାଇଁ ବିଭାଗୀୟ ମୁଖ୍ୟମାନଙ୍କୁ ଦାୟିତ୍ୱ ଦେଇଛନ୍ତି । ଏହି ନିର୍ଦ୍ଦେଶନାମାର ସମୟ ସୀମା ଆଉ ବୃଦ୍ଧିକରାଯିବ ନାହିଁ ବୋଲି ମଧ୍ୟ ଏଥିରେ ସ୍ପଷ୍ଟ କରାଯାଇଛି । ତେଣୁ ଏହାର ସୁଯୋଗ ନେଇ ବରିଷ୍ଠ ସମୟସୀମା ମଧ୍ୟରେ ନିଜର ଅର୍ଜିତ ସମ୍ପତ୍ତି ତାଲିକା ପୈଠ କରିବା ନିମିତ୍ତ ସଂଘ ତରଫରୁ ସମସ୍ତ ସଦସ୍ୟ ସଦସ୍ୟାମାନଙ୍କୁ ଅନୁରୋଧ କରାଯାଇଛି । ଏହାଦ୍ୱାରା ସମସ୍ତ ଇଂଜିନିୟରିଂ ବିଭାଗରେ ଖାଲି ଥିବା ପଦବୀ ଗୁଡ଼ିକର ପଦୋନ୍ନତି ନିମିତ୍ତ ଠିକ୍ ସମୟରେ ବିଭାଗୀୟ ପଦୋନ୍ନତି କମିଟି ବା DPC ବୈଠକ ହୋଇପାରିବ ଓ ସମସ୍ତ ସଦସ୍ୟସଦସ୍ୟା ଏହାଦ୍ୱାରା ଲାଭବାନ ହୋଇପାରିବେ ବୋଲି ସଂଘ ତରଫରୁ ପ୍ରକାଶ କରାଯାଇଛି । ❑

# ଓଡ଼େଶାର ତୃତୀୟ ସାଧାରଣ ପରିଷଦ ବୈଠକର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି - ଦାବି ହାସଲ ପାଇଁ ଆନ୍ଦୋଳନ ହିଁ ଏକମାତ୍ର ପନ୍ଥା

ଗତ ତା ୦୨.୧୧.୨୦୨୫ରିଖ ରବିବାର ଦିବା ୧୧ ଘଟକା ସମୟରେ ଭୁବନେଶ୍ୱରସ୍ଥ ଓଡ଼େଶା ଭବନ ସମ୍ମିଳନୀ କକ୍ଷଠାରେ ଓଡ଼େଶାର ଗୁରୁତ୍ୱପୂର୍ଣ୍ଣ ତୃତୀୟ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ସଂଘର ସଭାପତି ଇଂ. ଶ୍ରୀକାନ୍ତ ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ସଭାପତିଙ୍କର ସ୍ୱାଗତ ଅଭିଭାଷଣ ପରେ ନିକଟରେ ପ୍ରାଣ ହରାଇଥିବା ଓଡ଼େଶାର ପୂର୍ବତନ ସାଧାରଣ ସମ୍ପାଦକ ଓ ସଭାପତି ସ୍ୱର୍ଗତଃ ଇଂ. ଦର୍ପନାରାୟଣ ଦାସଙ୍କର ଅମର ଆତ୍ମାର ସଦ୍‌ଗତି ନିମିତ୍ତ ଦୁଇମିନିଟ୍‌ର ନିରବ ପ୍ରାର୍ଥନା କରାଯାଇ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା । ଓଡ଼େଶାର ଉପସଭାପତି ଇଂ. ସୁଦର୍ଶନ ବେହେରା ଏହି ଶୋକ ପ୍ରସ୍ତାବଟିକୁ ସଭାରେ ଆଗତ କରିଥିଲେ । ଏହି ଅବସରରେ ସ୍ୱର୍ଗତଃ ଇଂ. ଦାସଙ୍କର ସଂଘ ପ୍ରତି ଥିବା ଅବଦାନ ଓ ଦୀର୍ଘଦିନର ନେତୃତ୍ୱ ବିଷୟରେ ଆଲୋଚନା କରାଯାଇଥିଲା। ଏଠାରେ ଉଲ୍ଲେଖନୀୟ ଏହା ଯେ, ଇଂ. ଦାସ ୧୯୭୪, ୧୯୭୮, ୧୯୮୧, ୧୯୮୨, ୧୯୮୩, ୧୯୮୪, ୧୯୮୬, ୧୯୯୦ ମସିହାରେ ସଂଘର ସାଧାରଣ ସମ୍ପାଦକ ଓ ୧୯୮୯ ମସିହାରେ ସଭାପତି ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ସଂଘ ପାଇଁ ଅନେକ ଗୁଡ଼ିଏ ଐତିହାସିକ କାର୍ଯ୍ୟ କରିଯାଇଛନ୍ତି । ସଂଘ ପାଇଁ ତାଙ୍କର ତ୍ୟାଗ, ବଳିଷ୍ଠ ନିଷ୍ପତ୍ତି, ସ୍ପଷ୍ଟ ବାଦିତା ପାଇଁ ସେ ସର୍ବଦା ନମସ୍ୟ ହୋଇ ରହିବେ ।

ସମ୍ବିଧାନିକ ବିଧି ବ୍ୟବସ୍ଥା ଓ ପରମ୍ପରା ଅନୁଯାୟୀ ସଂଘର ଉପଦେଷ୍ଟା ଇଂ. ଶ୍ରୀଧର ବାରିକ ନିଜର ପ୍ରାରମ୍ଭିକ ବକ୍ତବ୍ୟ ରଖି ବୈଠକରେ ଉପସ୍ଥିତ ସମସ୍ତ ପାରିଷଦ ବୃନ୍ଦଙ୍କୁ ସ୍ୱାଗତ ଜଣାଇଥିଲେ । ସଂଘ ସାଂପ୍ରତିକ ସାଙ୍ଗଠନିକ ସ୍ଥିତି ଓ ତୃଣମୂଳ ସ୍ତରରୁ କିପରି ସଂଗଠନକୁ ସୁଦୃଢ଼ କରାଯାଇପାରିବ ସେଥିପାଇଁ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ବିଗତ ଦିନମାନଙ୍କରେ ସଂଘର ଯେଉଁ ଗୌରବମୟ ଐତିହ୍ୟ ଥିଲା ତାହା କିପରି ଆଗାମୀ ଦିନରେ ଫେରିଆସିବ ସେ ନେଇ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ସଂଘର ୭ ଦଫା ଦାବି ହାସଲ ସହିତ ଅନ୍ୟାନ୍ୟ ଦାବି ହାସଲ ପାଇଁ ଆନ୍ଦୋଳନ ହିଁ ଏକମାତ୍ର ପନ୍ଥା ବୋଲି ସେ ମତ୍ତ ପ୍ରକାଶ କରିଥିଲେ । ଏଥିସହିତ ସେ ଚଳିତ ବର୍ଷର ଶାଖାସ୍ତରୀୟ ସାଙ୍ଗଠନିକ ବୈଠକ ବିଷୟରେ ମଧ୍ୟ ସମସ୍ତଙ୍କର ଦୃଷ୍ଟିଆକର୍ଷଣ କରିଥିଲେ ।

ଏହାପରେ ସଂଘର ସାଧାରଣ ସମ୍ପାଦକ ଇଂ. ପ୍ରଭାତ କୁମାର ନାୟକ ବୈଠକରେ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ । ସେ ନିଜ ବକ୍ତବ୍ୟରେ ସଂଘର ୭ ଦଫା ଦାବି ସରକାରଙ୍କ ନିକଟରେ ଉପସ୍ଥାପିତ ହୋଇଥିଲେ ସୁଦ୍ଧା ସରକାର ସେଥିପ୍ରତି କୌଣସି ଗୁରୁତ୍ୱ ନେଇ ନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ । ଏହାର କାର୍ଯ୍ୟକାରିତା ନେଇ ସଂଘ ତରଫରୁ ଗ୍ରହଣ କରାଯାଇଥିବା ସମସ୍ତ ପ୍ରକାର ପଦକ୍ଷେପ ସତ୍ତ୍ୱେ ତାହା ସଫଳ ହେଉନଥିବାରୁ ସଂଘ ପୁଣି ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ ଓ ଏହା ଉପରେ ବିଧିବଦ୍ଧ ନିଷ୍ପତ୍ତିର ଆବଶ୍ୟକତା ଥିବା ପ୍ରକାଶ କରିଥିଲେ । ବିଗତ ଦିନରେ ସଂଘର ଦାବିକୁ ୧୪୭ ବିଧାୟକଙ୍କ ଅନୁମୋଦନ କରାଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇବାର ଯେଉଁ ନିଷ୍ପତ୍ତି ନିଆଯାଇଥିଲା ତାହା ସମ୍ପୂର୍ଣ୍ଣ ବିଫଳ ହୋଇଥିବାରୁ ସେ ନିଜର ଅସନ୍ତୋଷ ପ୍ରକାଶ କରିବା ସହିତ ଏଥିନିମିତ୍ତ ସମସ୍ତେ ନୈତିକ ଦାୟିତ୍ୱ ନେବାକୁ ମତ୍ତ ରଖିଥିଲେ । ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ଅଦ୍ୟାବଧି ମାତ୍ର ୨୬ଟି ଶାଖା କମିଟି ୫୩ଜଣ ବିଧାୟକଙ୍କ ମାଧ୍ୟମରେ ଦାବିପତ୍ର ପଠାଇଛନ୍ତି । ଯାହାକି ଘୋର ନୈରାଶ୍ୟଜନକ । ଏହା ସଂଗଠନର ଦୁର୍ବଳତାକୁ ପଦାରେ ପକାଉଛି ବୋଲି ନିଜର କ୍ଷୋଭ ପ୍ରକାଶ କରିବା ସହିତ ସମସ୍ତେ ଏଥିନିମିତ୍ତ ଆତ୍ମ ସମୀକ୍ଷା କରିବାର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ ।

ଏହାବ୍ୟତୀତ ଓଡ଼ିଶାର ସାମ୍ପ୍ରତିକ ସ୍ଥିତି, ବିଭିନ୍ନ ବିଭାଗରେ ପଦୋନ୍ନତି, ସଂଘର ଅନ୍ୟାନ୍ୟ ସମସ୍ୟା ବିଷୟରେ ବିସ୍ତୃତ ବିବରଣୀ ନେଇ ଆଗାମୀ ଦିନରେ ସଂଘକୁ ସୁସଂଗଠିତ କରି ଏକ ବୃହତ୍ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେବାକୁ ଅନୁରୋଧ କରିବା ସହିତ ଏଭଳି ନିଷ୍କ୍ରିୟତା ପାଇଁ ଭବିଷ୍ୟତରେ ସଂଘର ଇତିହାସ ଆମକୁ ଦାୟୀ ନକରୁ ବୋଲି ବିନମ୍ର ନିବେଦନ କରିଥିଲେ ।

ସଂଘର ଉପସଭାପତି ଇଂ. ସୁଦର୍ଶନ ବେହେରା ନିଜର ବକ୍ତବ୍ୟରେ ସଂଘର ସାଙ୍ଗଠନିକ କାର୍ଯ୍ୟକ୍ରମ ଯଥା- ଶାଖାସ୍ତରୀୟ ବାର୍ଷିକ ସାଧାରଣ ସଭା ଓ ନୂତନ କର୍ମକର୍ତ୍ତା ଚୟନ ବିଷୟରେ ବିସ୍ତୃତ ବିବରଣୀ ଦେଇଥିଲେ । ଏହାବ୍ୟତୀତ ସଂଘର ୨୦୨୬ ବର୍ଷର ଡାଏରୀ ପ୍ରସ୍ତୁତି ଓ ତା'ର ମୂଲ୍ୟ, ବିଜ୍ଞାପନ ରାଶିର ବିସ୍ତୃତ ବିବରଣୀ ଦେବା ସହିତ ଅଧିକରୁ ଅଧିକ ବିଜ୍ଞାପନ ରାଶି ସଂଗ୍ରହରେ ସମସ୍ତେ ସହଯୋଗ କରିବା ନିମିତ୍ତ ଅନୁରୋଧ କରିଥିଲେ । ସଭାପତିଙ୍କ ଅନୁରୋଧ କ୍ରମେ ସଂଘର କୋଷାଧ୍ୟକ୍ଷ ଇଂ. ମିହିର କୁମାର ମହାପାତ୍ର ସଂଘର ତ୍ରୟୋମାସିକ ଆର୍ଥିକ ବିବରଣୀ ଗୃହର ଅନୁମୋଦନ ନିମିତ୍ତ ଉପସ୍ଥାପନ କରିଥିଲେ ।

ସଂଘର ସଭାପତି ଇଂ. ଶ୍ରୀକାନ୍ତ ମହାପାତ୍ର ନିଜର ବକ୍ତବ୍ୟରେ ସମସ୍ତ ଇଂଜିନିୟରିଂ ବିଭାଗରେ ସମସ୍ୟା ଓ ଦାବି ଗୁଡ଼ିକର ସ୍ଥିତି, ପଦୋନ୍ନତିରେ ଥିବା ସମସ୍ୟା, ବିଭିନ୍ନ ପଦବୀରେ ଖାଲିଥିବା ସ୍ଥାନ ଓ ସେ ସବୁର ସମାଧାନ ପାଇଁ କ'ଣ ପଦକ୍ଷେପ ନିଆଯାଇପାରିବ ସେ ବିଷୟରେ ବିସ୍ତୃତ ଭାବରେ ଏକ ତଥ୍ୟଭିତ୍ତିକ ପରିସଂଖ୍ୟାନ ରଖିଥିଲେ । ସମସ୍ତେ ମିଳିତ ଭାବରେ ସରକାରଙ୍କ ନିକଟରେ ସଂଘର ଶକ୍ତି ପ୍ରଦର୍ଶନ ଓ ଏକ ବୃହତ୍ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେବାକୁ ପରାମର୍ଶ ଦେଇଥିଲେ । ଏଥିନିମିତ୍ତ ତୃଣମୂଳ ସ୍ତରରୁ ସଙ୍ଗଠନକୁ ସଜାଡ଼ିବା ସହିତ ନୂତନ ଭାବରେ ନିଯୁକ୍ତି ପାଇଥିବା ପ୍ରାୟ ତିନି ହଜାର କନିଷ୍ଠ ଯନ୍ତ୍ରୀଙ୍କୁ ସଂଘର ସଦସ୍ୟଭୁକ୍ତ କରିବା ନିମିତ୍ତ ନିଷ୍ଠାର ସହିତ ଶାଖା ସ୍ତରରେ ଉଦ୍ୟମ କରିବା ପାଇଁ ଅନୁରୋଧ କରିଥିଲେ । ସଂଘର ସାଙ୍ଗଠନିକ ଶକ୍ତି ଦୁର୍ବଳ ହେଲେ ସଂଗଠନ ଭୁଷୁଡ଼ି ପଡ଼ିବ ଓ ଏଥିନିମିତ୍ତ ଆମେ ସମସ୍ତେ ଦାୟୀ ରହିବା ବୋଲି ସେ ଚେତାବନି ମଧ୍ୟ ଦେଇଥିଲେ । ଏହାକୁ ସଜାଡ଼ିବା ପାଇଁ ଆମେ ନୂତନ ପିଢ଼ୀକୁ ସାଙ୍ଗଠନିକ ବୈଠକ କାର୍ଯ୍ୟରେ ସାମିଲ୍ କରିବା ନିମିତ୍ତ ସେ ବୈଠକରେ ଆହ୍ୱାନ ଦେଇଥିଲେ ।

ଏହାପରେ ବୈଠକରେ ଉପସ୍ଥିତ ପାରିଷଦଗଣ ଆଲୋଚନାରେ ଅଂଶଗ୍ରହଣ କରି ନିଜ ନିଜର ବହୁମୂଲ୍ୟ ବକ୍ତବ୍ୟ ଦେବା ସହିତ ସାଂପ୍ରତିକ ପରିସ୍ଥିତିର ଆସୁ ସମାଧାନ ନିମିତ୍ତ ବିଭିନ୍ନ ପ୍ରସ୍ତାବମାନ ଦେଇଥିଲେ । ସଂଘର ତୃତୀୟ ସାଧାରଣ ପରିଷଦ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅର୍ଦ୍ଧାଧିକ ଶାଖା କମିଟି ଅନୁପସ୍ଥିତ ଥିବାରୁ ବକ୍ତାମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ବକ୍ତାମାନଙ୍କ ତରଫରୁ ଉତ୍‌ଥାପନ କରାଯାଇଥିବା ଅନେକ ଗୁଡ଼ିଏ ପ୍ରଶ୍ନର ଉତ୍ତର ବୈଠକରେ ଉପସ୍ଥିତ ସଂଘର ସଭାପତି ଇଂ. ମହାପାତ୍ର ସେ ସବୁର ଉତ୍ତର ଦେଇଥିଲେ । ସଂଘର ସମ୍ବିଧାନିକ ବିଧି ବ୍ୟବସ୍ଥା ଅନୁଯାୟୀ ଆଗାମୀ ବର୍ଷର କେନ୍ଦ୍ରୀୟ କାର୍ଯ୍ୟକାରିଣୀର କର୍ମକର୍ତ୍ତା ନିର୍ବାଚନ ନିମିତ୍ତ ନିର୍ବାଚନ ଅଧିକାରୀ ଚୟନ ତୃତୀୟ ସାଧାରଣ ପରିଷଦ ବୈଠକରେ ହେବାର ଆବଶ୍ୟକତା ରହିଛି ଓ ଏଥିନିମିତ୍ତ ସେ ସଂଘର ପୂର୍ବତନ ମୁଖ୍ୟ ନିର୍ବାଚନ ଅଧିକାରୀ ଇଂ. ତନୁଜ କିଶୋର ରାଉତଙ୍କ ନାମ ଉପସ୍ଥାପନ କରିଥିଲେ ଓ ଏହା ଗୃହର ଅନୁମୋଦନ ଲାଭ କରିଥିଲା ।

ବୈଠକରେ ଉପସ୍ଥାପିତ ସମସ୍ତ ବିବରଣୀ ଓ ପ୍ରସ୍ତାବ ଉପରେ ବିସ୍ତୃତ ଭାବରେ ଆଲୋଚନା ହୋଇ ନିମ୍ନଲିଖିତ ନିଷ୍ପତ୍ତି ଗୁଡ଼ିକ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା ।

## ତୃତୀୟ ସାଧାରଣ ପରିଷଦ ବୈଠକରେ ଗୃହୀତ ନିଷ୍ପତ୍ତି

୧. ଓଡ଼ିଶାର ୭ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ଦାଖଲ କରି ନଥିବା ଶାଖା କମିଟି ଗୁଡ଼ିକ ସ୍ଥାନୀୟ ବିଧାୟକଙ୍କ

ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ୨୦୨୫ ନଭେମ୍ବର ୩୦ ତାରିଖ ସୁଦ୍ଧା ପ୍ରେରଣ କରିବେ ।

୨. ୩୦ ନଭେମ୍ବର ୨୦୨୫ ସୁଦ୍ଧା ସମସ୍ତ ୩୧୪ ବ୍ଲକସ୍ତରୀୟ କମିଟି ଗୁଡ଼ିକର ପୁନର୍ଗଠନ ପ୍ରକ୍ରିୟା ସମାପ୍ତ ହେବ । ମହାମଣ୍ଡଳ ସମ୍ପାଦକ / ଅତିରିକ୍ତ ମହାମଣ୍ଡଳ ସମ୍ପାଦକ ଏହି କାର୍ଯ୍ୟକୁ ପରିଚାଳନା କରିବେ ଓ ଶାଖାଗୁଡ଼ିକୁ ସହଯୋଗ କରିବେ ।

୩. ନୂତନ ନିଯୁକ୍ତିପ୍ରାପ୍ତ କନିଷ୍ଠ ଯନ୍ତ୍ରୀମାନଙ୍କୁ ସଂଘର ସଦସ୍ୟଭୁକ୍ତ କରିବା ନିମିତ୍ତ ଶାଖା କମିଟି ଗଡ଼ିକ ତ୍ୱରିତ ପଦକ୍ଷେପ ଗ୍ରହଣ କରି ଏହି କାର୍ଯ୍ୟକୁ ୩୦ ନଭେମ୍ବର ୨୦୨୫ ସୁଦ୍ଧା ଶେଷ କରିବେ ।

୪. ୩୦ ନଭେମ୍ବର ୨୦୨୫ ସୁଦ୍ଧା ସଂଘର ୪୬ଟି ଶାଖା କମିଟି ସ୍ୱତନ୍ତ୍ର ସାଧାରଣ ସଭା ଆୟୋଜନ କରି ସରକାରଙ୍କ ନିକଟକୁ ପଠାଯାଇଥିବା ସଂଘ ୭ ଦଫା ଦାବି ଉପରେ ବିଶେଷ ଆଲୋଚନା କରିବେ ଓ ସାଧାରଣ ସଭାରେ ଗୃହୀତ ନିଷ୍ପତ୍ତି ଗୁଡ଼ିକୁ କେନ୍ଦ୍ରୀୟ କାର୍ଯ୍ୟକାରିଣୀ ନିକଟକୁ ପଠାଇବେ ।

୫. ଉପରୋକ୍ତ ସମସ୍ତ କାର୍ଯ୍ୟ ୪୬ଟି ଶାଖା କମିଟି ଗୁଡ଼ିକ ଦ୍ୱାରା ତା ୩୦.୧୧.୨୦୨୫ରିଖ ସୁଦ୍ଧା ସମାପନ ହେବାପରେ ଡିସେମ୍ବର-୨୦୨୫ର ପ୍ରଥମ ସପ୍ତାହରେ ସଂଘ ତରଫରୁ ପ୍ରେସ୍ କନ୍‌ଫରେନ୍ସ / ପ୍ରେସ୍‌ରିଲିଜ୍ ମାଧମରେ ପରବର୍ତ୍ତୀ ପଦକ୍ଷେପ ବିଷୟରେ ସୂଚନା ଦିଆଯିବ ।

୬. ୨୭ ଡିସେମ୍ବର-୨୦୨୫ ରିଖରେ ସଂଘର ଚତୁର୍ଥ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହେବ ।

୭. ସଂଘର ତ୍ରୟୋମାସିକ (ଜୁଲାଇ-୨୦୨୫ ଠାରୁ ସେପ୍ଟେମ୍ବର ୨୦୨୫) ଆର୍ଥିକ ବିବରଣୀ ଅନୁମୋଦିତ ।

୮. ସଂଘ ଡାଏରୀ-୨୦୨୬ର ମୁଦ୍ରଣ ପାଇଁ ଆଗତ ପ୍ରସ୍ତାବ ଗୃହୀତ । (ଡାଏରୀର ବିଜ୍ଞାପନ ଦର ସମ୍ବନ୍ଧୀୟ ବିଶେଷ ତଥ୍ୟ ଅନ୍ୟତ୍ର ପ୍ରକାଶିତ)

୯. ଇଂ. ତନୁଜ କିଶୋର ରାଉତ ୨୦୨୬ ବର୍ଷ ପାଇଁ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଭାବରେ ମନୋନୀତ ।

ଶେଷରେ ଉପସଭାପତିଙ୍କ ଧନ୍ୟବାଦ ପ୍ରସ୍ତାବ ଆଗତ ପରେ ସଭାସାଙ୍ଗ କରାଯାଇଥିଲା । ❑

# ପଞ୍ଚାୟତିରାଜ ବିଭାଗର ୬୪ଜଣ ସହକାରୀ ଯନ୍ତ୍ରୀଙ୍କର ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି

ପଞ୍ଚାୟତିରାଜ ବିଭାଗରେ ସହକାରୀଯନ୍ତ୍ରୀ ଭାବରେ କାର୍ଯ୍ୟରତ ଡିପ୍ଲୋମା ଇଂଜିନିୟରମାନଙ୍କର ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ହୋଇଯାଇଅଛି । ବିଭାଗୀୟ ବିଜ୍ଞପ୍ତି ସଂଖ୍ୟା-୨୯୬୬୭ ତା ୨୮.୧୦.୨୦୨୫ରିଖ ମାଧ୍ୟମରେ ଏହି ନିର୍ଦ୍ଦେଶନାମାଟି ପ୍ରକାଶିତ ହୋଇଛି । ଏହି ନିର୍ଦ୍ଦେଶନାମାଟି ପ୍ରକାଶିତ ହେବାପରେ ଉକ୍ତ ବିଭାଗରେ କାର୍ଯ୍ୟରତ ଡିପ୍ଲୋମା ଇଂଜିନିୟରମାନେ ଖୁସିବ୍ୟକ୍ତ କରିଛନ୍ତି । ପ୍ରକାଶଥାଉକି ଦୀର୍ଘଦିନ ଧରି ଏହି ପଦୋନ୍ନତି ନିମିତ୍ତ ଅନେକ ପ୍ରୟାଶ କରାଯାଇଥିଲେ ସୁଦ୍ଧା ବିଜ୍ଞପ୍ତି ପ୍ରକାଶରେ ଅହେତୁକ ବିଳମ୍ବ ହୋଇଥିଲା ଏବଂ ବିଭାଗୀୟ ଯନ୍ତ୍ରୀମାନଙ୍କ ମଧ୍ୟରେ ଘୋର ନୈରାଶ୍ୟ ଭାବ ପ୍ରକାଶ ପାଇଥିଲା । ଏଥିନିମିତ୍ତ ସଂଘ ତରଫରୁ ବିଭାଗୀୟ ସଚିବ, ନିର୍ଦ୍ଦେଶକ ଓ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ଭେଟି ତୁରନ୍ତ ପଦୋନ୍ନତି ସହିତ ବିଭିନ୍ନ ଖାଲି ସ୍ଥାନରେ ଅବସ୍ଥାପିତ କରିବା ନିମିତ୍ତ ଅନୁରୋଧ କରାଯାଇଥିଲା । ଫଳସ୍ୱରୂପ ୬୪ଜଣ ଡିପ୍ଲୋମା ଇଂଜିନିୟର ସହକାରୀ ଯନ୍ତ୍ରୀ ପଦବୀରୁ ସହକାରୀ ନିର୍ବାହୀଯନ୍ତ୍ରୀ ପଦବୀକୁ ପଦୋନ୍ନତି ପାଇ ରାଜ୍ୟର ବିଭିନ୍ନ ସ୍ଥାନରେ ଅବସ୍ଥାପିତ ହୋଇଛନ୍ତି । ଏହି ନିର୍ଦ୍ଦେଶନାମାଟି ପ୍ରକାଶ ପାଇଥିବାରୁ ସଂଘ ତରଫରୁ ବିଭାଗୀୟ ସଚିବ ଓ ଅନ୍ୟ ଅଧିକାରୀମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି । ଏଥିସହିତ ପଦୋନ୍ନତି ପାଇଥିବା ସଦସ୍ୟସଦସ୍ୟାମାନଙ୍କୁ ମଧ୍ୟ ସଂଘ ତରଫରୁ ଶୁଭେଚ୍ଛା ଜଣାଯାଇଛି । ❑

# ଓଡ଼େଶାର ତୃତୀୟ ସାଧାରଣ ପରିଷଦ ବୈଠକରେ ଉପସ୍ଥାପିତ

## ସାଧାରଣ ସମ୍ପାଦକଙ୍କ ବିବରଣୀ

ସଭାପତି ମହୋଦୟ, ମଞ୍ଚାସୀନ ଉପଦେଷ୍ଟା ଇଂ. ଶ୍ରୀଧର ବାରିକ ମହୋଦୟ, ମଞ୍ଚରେ ଉପସ୍ଥିତ ମୋର ସାଥୀ ଉପସଭାପତି, କୋଷାଧ୍ୟକ୍ଷ, ଉପସ୍ଥିତ କେନ୍ଦ୍ରୀୟ କାର୍ଯ୍ୟକାରିଣୀର ଅନ୍ୟାନ୍ୟ କର୍ମକର୍ତ୍ତାବୃନ୍ଦ, ଗୃହରେ ଉପସ୍ଥିତ ମହାମଣ୍ଡଳ ସମ୍ପାଦକବୃନ୍ଦ, ଅତିରିକ୍ତ ମହାମଣ୍ଡଳ ସମ୍ପାଦକ ବୃନ୍ଦ, ଶାଖା କମିଟିର ସଭାପତି ଓ ସମ୍ପାଦକ ବୃନ୍ଦ ।

ବନ୍ଧୁଗଣ !

ଆମ ସଂଘର ତୃତୀୟ ସାଧାରଣ ପରିଷଦ ବୈଠକ ବିଭିନ୍ନ ଦୃଷ୍ଟିରୁ ଖୁବ୍ ଗୁରୁତ୍ୱ ବହନ କରିଥାଏ । କାରଣ ସଂଘର ଗୋଟିଏ ବର୍ଷ ସମାପ୍ତ ହେବାର ପୂର୍ବ ସଙ୍କେତ ଦେଇଥାଏ ଏହି ବୈଠକ । ଅଧିକନ୍ତୁ ତୃତୀୟ ସାଧାରଣ ପରିଷଦ ବୈଠକ ଓ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହେବାର ମଧ୍ୟବର୍ତ୍ତୀ ସମୟଟି ଓଡ଼େଶା ପାଇଁ କାର୍ଯ୍ୟବ୍ୟସ୍ତତାର ସମୟ ହୋଇଥାଏ । ଏହି ସମୟ ମଧ୍ୟରେ ସମସ୍ତ ୪୬ଟି ଶାଖାର ବାର୍ଷିକ ସାଧାରଣ ସଭା ଓ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବା ସହ କେନ୍ଦ୍ରୀୟ ଶୀର୍ଷ କମିଟିର କର୍ମକର୍ତ୍ତା ନିର୍ବାଚନ ମଧ୍ୟ ସାଂବିଧାନିକ ବିଧି ବ୍ୟବସ୍ଥା ଅନୁଯାୟୀ ଅନୁଷ୍ଠିତ ହୋଇଥାଏ । ଶାଖାସ୍ତରରୁ କେନ୍ଦ୍ର ପର୍ଯ୍ୟନ୍ତ ଏହି ନିର୍ବାଚନ କାର୍ଯ୍ୟରେ ସମସ୍ତଙ୍କର ଭାଗିଦାରୀ ରହିଥାଏ । ପୁନଶ୍ଚ ଏହି ସମୟ ମଧ୍ୟରେ ଆସନ୍ତା ବର୍ଷ ନିମିତ୍ତ ସଂଘ ଡାଇରୀ ଓ କ୍ୟାଲେଣ୍ଡର ପ୍ରକାଶ କରାଯାଇ ନୂତନ ବର୍ଷ ଆରମ୍ଭ ପୂର୍ବରୁ ସମସ୍ତ ଶାଖା କମିଟି ମାନଙ୍କୁ ବିତରଣ କରାଯାଇଥାଏ । ପୁନଶ୍ଚ ଜାନୁଆରୀ ମାସର ପ୍ରଥମାର୍ଦ୍ଧରେ ବାର୍ଷିକ ସମ୍ମିଳନୀ କରାଯିବାର ଧାରା ଗତ କିଛିବର୍ଷ ଧରି ଚାଲିଆସୁଛି ।

ବନ୍ଧୁଗଣ ! ସଂଘର ଏହି ଦୁଇ ତିନିମାସର ବ୍ୟସ୍ତବହୁଳ କାର୍ଯ୍ୟକ୍ରମକୁ ଆମେ ଯେଉଁମାନେ କର୍ମକର୍ତ୍ତା ଭାବରେ ନିର୍ବାଚିତ ହୋଇ ଶାଖା ସ୍ତରରୁ କେନ୍ଦ୍ର ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରୁଛେ, ସମସ୍ତ ଦାୟିତ୍ୱର ଉତ୍ତରଦାୟୀ ହେଉଛେ ଆମ୍ଭେମାନେ । ଏହି ସମସ୍ତ କାର୍ଯ୍ୟକ୍ରମର ସାମାନ୍ୟ ବ୍ୟତିକ୍ରମ ଘଟିଲେ ଆମ୍ଭମାନଙ୍କୁ ହିଁ ଏହାର ଉତ୍ତର ଆଠ ହଜାର ସଦସ୍ୟ ସଦସ୍ୟାମାନଙ୍କୁ ଦେବାକୁ ପଡ଼ିବ । ଏଥିପାଇଁ ସମସ୍ତଙ୍କର ମିଳିତ ସହଯୋଗର ଆବଶ୍ୟକତା ରହିଛି । ଏହି ଦାୟିତ୍ୱ ଆମେ କେତେଦୂର ନିର୍ବାହ କରୁଛେ, ଏଥିପାଇଁ ଆମ୍ଭେମାନେ ଆତ୍ମସମୀକ୍ଷା କରିବା ଆବଶ୍ୟକ ।

ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ବିଷୟଟି ହେଉଛି, ଦୀର୍ଘଦିନ ଧରି ସରକାରଙ୍କ ନିକଟରେ ଉପସ୍ଥାପିତ ହୋଇଥିବା ଆମ ସଂଘର ସାତଦଫା ଦାବି । ସେହି ସାତଦଫା ଦାବି ମଧ୍ୟରୁ ଏପରି କେତୋଟି ଦାବି ରହିଛି, ଯାହା ତୁରନ୍ତ ସରକାରଙ୍କ ସୁବିଚାର ଆବଶ୍ୟକ କରେ । ପ୍ରଥମଟି ହେଉଛି ଆମ୍ଭମାନଙ୍କର ସହକାରୀ ଯନ୍ତ୍ରୀରୁ ସହକାରୀ ନିର୍ବାହ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ହାର ଶତକଡ଼ା ୪୦ ଭାଗରୁ ୫୦ ଭାଗକୁ ବୃଦ୍ଧି । ଏହା ଡିପ୍ଲୋମା ଇଂଜିନିୟର ମାନଙ୍କର ଦୀର୍ଘବର୍ଷର ଦାବି । ସରକାର ବିଭିନ୍ନ ଆଳ ନେଇ ଏହାକୁ ଅଣଦେଖା କରିଚାଲୁଛନ୍ତି । ଦ୍ୱିତୀୟ ଜ୍ୱଳନ୍ତ ସମସ୍ୟାଟି ହେଉଛି, କନିଷ୍ଠ ଯନ୍ତ୍ରୀରୁ ସହକାରୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ନିମିତ୍ତ ଯୋଗ୍ୟତା ବର୍ଷ ଭାବେ ୭ ବର୍ଷ ରଖାଯାଇଛି, ଯାହାକୁ ଏକ ବର୍ଷ କରିବା ନିମିତ୍ତ ଆମ ସଂଘ ଦାବି ଜଣାଇ ଆସୁଛି । ପୂର୍ବରୁ କଣ୍ଟ୍ରାକ୍ଟୁଆଲ୍ ସମୟ ୬ ବର୍ଷ ଓ ନିୟମିତ ସେବା ଅବଧି ଏକ ବର୍ଷକୁ ହିସାବକୁ ନିଆଯାଇ ୭ ବର୍ଷ ରଖାଯାଇଥିଲା । ଇତିମଧ୍ୟରେ ଠିକା ବ୍ୟବସ୍ଥାର ବିଲୋପ ପରେ କେବଳ ଏକ ବର୍ଷର ନିୟମିତ ସେବା ଅବଧିକୁ ଯୋଗ୍ୟତାର ମାପକାଠି ଭାବରେ ବିଚାରକୁ ନେବାକୁ ସରକାରଙ୍କ ନିକଟରେ ସଂଘ ଦାବି ଜଣାଇଛି । ଏଠାରେ ସ୍ମରଣଯୋଗ୍ୟ ଯେ ନର୍ସିଂ ସେବା ସଂଘ ରାଜରାସ୍ତାକୁ ଓହ୍ଲାଇ ସଂଗ୍ରାମ କରି ସେମାନଙ୍କ କ୍ୟାଡର ନିମିତ୍ତ ଏହି ଦାବି ସରକାରଙ୍କଠାରୁ ଦୁଇବର୍ଷ ହେଲ ହାସଲ କରିସାରିଛି । କିନ୍ତୁ ଆମ୍ଭେମାନେ ଏ ଦିଗରେ ଆମ୍ଭମାନଙ୍କର ସଂହତି ଅଭାବରୁ ଏପର୍ଯ୍ୟନ୍ତ ସଫଳ ହେବାରେ ଅକ୍ଷମ । ସାତବର୍ଷ ପ୍ରତିବନ୍ଧକ ଯୋଗୁଁ

ଆଜିର ତାରିଖରେ ପ୍ରାୟ ତିନି ହଜାର ଯୋଗ୍ୟ କନିଷ୍ଠ ଯନ୍ତ୍ରୀ ସହକାରୀ ଯନ୍ତ୍ରୀଙ୍କୁ ପଦୋନ୍ନତି ପାଇବାରୁ ବଞ୍ଚିତ ହୋଇରହିଛନ୍ତି । ଅଧିକନ୍ତୁ - ତିନି ହଜାର କନିଷ୍ଠ ଯନ୍ତ୍ରୀ ଯଦି ସହକାରୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ପାଇବେ, ବେକାର ଥିବା ତିନି ହଜାର ଡିପ୍ଲୋମା ଇଂଜିନିୟର ଭାଇଭଉଣୀଙ୍କ ନିଯୁକ୍ତିର କନିଷ୍ଠ ଯନ୍ତ୍ରୀ ଭାବେ ବାଟ ଖୋଲିଯିବ ।

ସେହିଭଳି ୨୦୦୩ ରୁ ୨୦୧୩ ମଧ୍ୟରେ ଠିକା ନିଯୁକ୍ତି ପାଇଥିବା ଡିପ୍ଲୋମା ଇଂଜିନିୟରମାନେ ସରକାରଙ୍କ ଭୁଲ୍ ନିଷ୍ପତ୍ତି ଯୋଗୁଁ ସେମାନେ ନ୍ୟାର୍ଯ୍ୟ ଦରମା ହାର ନପାଇ ଆର୍ଥିକ କ୍ଷତି ସହୁଛନ୍ତି । ଏଥିପାଇଁ ସଂଘ ସରକାରଙ୍କ ନିକଟରେ ଦାବି ଉପସ୍ଥାପିତ କରିଛି। କିନ୍ତୁ ସରକାର ନିଦାବିଷ୍ଣୁ ସାଜି ଥିବାରୁ ପ୍ରାୟ ତିନି ହଜାର ଭାଇଭଉଣୀ ପ୍ରକୃତ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ପୁନର୍ବାର ଆପଣମାନଙ୍କ ଦୃଷ୍ଟିକୁ ଆଣୁଅଛିଯେ, ନର୍ସିଂ ସେବାସଂଘ ଏଥିପାଇଁ ସଂଗ୍ରାମ କରି ଏ ଦାବିଟିକୁ ମଧ୍ୟ ହାସଲ କରିସାରିଛି । କିନ୍ତୁ ଆମ୍ଭମାନଙ୍କର ସଚେତନତାର ଅଭାବ ହେତୁ ଆମେ ପଛରେ ପଡ଼ିଯିବା କାରଣରୁ ଆମରି ଭିତରୁ ପ୍ରାୟ ତିନି ହଜାର ଭାଇଭଉଣୀ ନ୍ୟାୟ ପାଉନାହାନ୍ତି।

ବନ୍ଧୁଗଣ ! ସମସ୍ତ ସାତଦଫା ଦାବିର ଅବସ୍ଥା ଏହିଭଳି । ଆମର ସାଙ୍ଗଠନିକ ଦୁର୍ବଳତା ହିଁ ଆଜି ଆମ୍ଭମାନଙ୍କୁ ନ୍ୟାୟ ଦେବାରେ, ଆମ ହକ୍ ପାଇବାରେ ମୁଖ୍ୟ ପ୍ରତିବନ୍ଧକ ସାଜିଛି । ଏଥିପାଇଁ ଆମକୁ ଆତ୍ମସମୀକ୍ଷା କରିବାର ଆବଶ୍ୟକତା ରହିଛି। ଏହାର ଏକ ଉଦାହରଣ ହେଉଛି - ଗତ ଏକ ବର୍ଷ ପୂର୍ବରୁ ଆମ୍ଭେମାନେ ଏହି ପବିତ୍ର ଗୃହରେ ନିଷ୍ପତ୍ତି ନେଇଥିଲେ ଯେ, ଆମ୍ଭମାନଙ୍କର ସାତଦଫା ସମ୍ବଳିତ ଦାବିପତ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ ନିମିତ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ୪୬ଟି ଶାଖା କମିଟି ତରଫରୁ ସ୍ଥାନୀୟ ବିଧାୟକମାନଙ୍କ ଅନୁମୋଦନ କରାଇ ପଠାଯିବ । କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଯେ, ଯେଉଁ କାର୍ଯ୍ୟଟି ମାତ୍ର ଗୋଟିଏ ମାସ ମଧ୍ୟରେ ଶେଷ ହେବା କଥା ତାହା ବର୍ଷଟିଏ ପୁରଣ ପରେ ମଧ୍ୟ ହୋଇପାରିନାହିଁ । ଗୋଟିଏ ବର୍ଷ ଭିତରେ ୪୬ଟି ଶାଖା କମିଟି ମଧ୍ୟରୁ ମାତ୍ର ୨୬ଟି ଶାଖା କମିଟି ଏ ଦିଗରେ ପଦକ୍ଷେପ ନେଇଛନ୍ତି ଓ ୧୪୭ ମାନ୍ୟବର ବିଧାୟକମାନଙ୍କ ମଧ୍ୟରୁ ମାତ୍ର ୫୩ଜଣଙ୍କୁ ଅନୁମୋଦନ ପତ୍ର ଯିବାର ଖବର କେନ୍ଦ୍ରୀୟ କାର୍ଯ୍ୟକାରିଣୀ ନିକଟରେ ରହିଛି। ସଂଘ ଓ ସଂଗଠନର ଏ ପ୍ରକାର ଶିଥିଳତା ପାଇଁ ସଂଘର ସାଧାରଣ ସମ୍ପାଦକ ଭାବରେ ପ୍ରଥମେ ମୁଁ ନିଜକୁ ଦାୟୀ କରିବା ସହ ବିନମ୍ରତାର ସହ ଆପଣମାନଙ୍କୁ ଅବଗତ କରାଯାଉଅଛିକି, ସମୂହ ଭାବରେ ଏହା ଆମ୍ଭମାନଙ୍କ ନିଷ୍କ୍ରିୟତାକୁ ହିଁ ସୂଚାଇ ଦେଉଛି।

ଆମେ ପୂର୍ବରୁ ଯେଉଁ ଗଣଧାରଣା ଓ ଅନ୍ୟାନ୍ୟ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ପାଇଁ ଏହି ପବିତ୍ର ଗୃହରେ ନିଷ୍ପତ୍ତି ନେଇଥିଲେ, ସଂଘ ଓ ସଂଗଠନର ଏହିପ୍ରକାର ନିଷ୍କ୍ରିୟ ଅବସ୍ଥା ଓ ପରିସ୍ଥିତି ମଧ୍ୟରେ ଏହା ସମ୍ଭବ କି ? ଅନ୍ୟପକ୍ଷରେ ଯଦି ସରକାରଙ୍କ ନିକଟରେ ପ୍ରଭାବୀ ଢଙ୍ଗରେ ଆମେ ଆମ ସଂଘର ଶକ୍ତି ପ୍ରଦର୍ଶନ କରିନପାରିବା, ଆମର ଦାବି ଓ ସମସ୍ୟା ସମାଧାନ ସମ୍ଭବ କି ? କିମ୍ବା ଏହା ବ୍ୟତୀତ ସଂଘ ନିକଟରେ ଅନ୍ୟ କିଛି ବିକଳ୍ପ ବ୍ୟବସ୍ଥା ଅଛିକି, ଯେଉଁ ବ୍ୟବସ୍ଥା ଦ୍ୱାରା ଆମେ ଆମ ଦାବି ହାସଲ କରିପାରିବା ?

ଏହି ଅବସରରେ ମୋର ଏ ପବିତ୍ର ଗୃହକୁ ବିନମ୍ର ନିବେଦନ, ଏହିସବୁ ସମସ୍ୟା ଉପରେ ପୁଙ୍ଖାନୁପୁଙ୍ଖ ବିଚାର ଆଲୋଚନା କରାଯାଇ ଆଗାମୀ ଦିନ ପାଇଁ ଉପଯୁକ୍ତ ନିଷ୍ପତ୍ତି ନିଆଯାଉ। ନଚେତ୍ ସଂଘର ଆଠ ହଜାର ସଦସ୍ୟ ସଦସ୍ୟା ଆମ୍ଭମାନଙ୍କୁ କ୍ଷମା କରିବେ ନାହିଁ । ରାଜ୍ୟର ସର୍ବପୁରାତନ ସେବାସଂଘ ଯିଏ ୮୨ ବର୍ଷରେ ପଦାର୍ପଣ କରିଛି, ଯେଉଁ ସଂଘ ଏକଦା ରାଜ୍ୟର ଅନ୍ୟତମ ଶ୍ରେଷ୍ଠ ଲଢୁଆ ସଂଗଠନ ଥିଲା, ତାହାର ଆଜି ଏ ଯେଉଁ ଚିନ୍ତାଜନକ ସ୍ଥିତି ଏଥିପାଇଁ ଆମ୍ଭମାନଙ୍କୁ, ବର୍ତ୍ତମାନର କର୍ମକର୍ତ୍ତାମାନଙ୍କୁ ଇତିହାସ ଦାୟୀ ନ କରୁ, ଏହି ବିନମ୍ର ନିବେଦନ ସହିତ କାର୍ଯ୍ୟକ୍ରମକୁ ଆଗକୁ ନେବାକୁ ମୁଁ ସଭାପତି ମହୋଦୟଙ୍କୁ ଅନୁରୋଧ କରୁଛି। ଓଡ଼ିଶା - ଜିନ୍ଦାବାଦ୍ ! ଜୟ- ଜଗନ୍ନାଥ । ବନ୍ଦେ ଉତ୍କଳ ଜନନୀ ।

ତା ୦୨.୧୧.୨୦୨୫ **ଇଂ. ପ୍ରଭାତ କୁମାର ନାୟକ**

**ଭୁବନେଶ୍ୱର** **ସାଧାରଣ ସମ୍ପାଦକ**

# ଶ୍ରୀକ୍ଷେତ୍ରରୁ ଓଡ଼େଶାର ସାଙ୍ଗଠନିକ ଜୟଯାତ୍ରା ଶୁଭାରମ୍ଭ

ପ୍ରତିବର୍ଷ ଭଳି ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବାସଂଘର ୨୦୨୬ ବର୍ଷ ନିମିତ୍ତ ଶାଖା କମିଟି ଗୁଡ଼ିକର ବାର୍ଷିକ ସାଙ୍ଗଠନିକ ସଭା ଓ କର୍ମକର୍ତ୍ତା ନିର୍ବାଚନ କାର୍ଯ୍ୟକ୍ରମ ଶ୍ରୀକ୍ଷେତ୍ର ପୁରୀଠାରୁ ଶୁଭାରମ୍ଭ ହୋଇଯାଇଛି । ପୂର୍ବନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗତ ତା ୦୮.୧୦.୨୦୨୫ରିଖ ବୁଧବାର ସନ୍ଧ୍ୟା ୭ ଘଟିକା ସମୟରେ ପୁରୀଶାଖାର ବାର୍ଷିକ ସାଧାରଣ ସଭା ଶାଖା ସଭାପତି ଇଂ. ମକର ବେହେରାଙ୍କ ଅଧକ୍ଷତାରେ ଶ୍ରୀକ୍ଷେତ୍ର ଓଡ଼େଶା ଭବନଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ଶାଖାର ସଦସ୍ୟସଦସ୍ୟାମାନେ ବହୁଳ ସଂଖ୍ୟାରେ ଯୋଗଦାନ କରି ସଭାଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ। ବୈଠକରେ ପୁରୀ ଶାଖା ସଭାପତି ଇଂ. ମକର ବେହେରା ଶାଖାର ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ସେ ଶାଖାର ବିଭିନ୍ନ କାର୍ଯ୍ୟାବଳୀ ସହିତ ସଦସ୍ୟସଦସ୍ୟା ମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ମଧ୍ୟ ସଭାରେ ବିସ୍ତୃତ ଭାବରେ ଉପସ୍ଥାପନ କରିଥିଲେ । ଶାଖା ତରଫରୁ ବିଗତ ଏକ ବର୍ଷ ମଧ୍ୟରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ, ଶାଖାର ଆୟବ୍ୟୟ ବିବରଣୀ ଏବଂ ଦାବୀ ହାସଲ ପାଇଁ ଶାଖା ତରଫରୁ ସ୍ଥାନୀୟ ବିଧାୟକମାନଙ୍କ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦିଆଯାଇଥିବା ଦାବିପତ୍ର ବିଷୟରେ ମଧ୍ୟ ସମସ୍ତଙ୍କୁ ଅବଗତ କରିଥିଲେ । ବିଗତ ଦିନମାନଙ୍କରେ ସଂଘ ତରଫରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ଗୁଡ଼ିକ ପ୍ରତି ଶାଖା ତରଫରୁ ଯେଉଁ ସହଯୋଗ ଓ ସମର୍ଥନ ଦିଆଯାଇଥିଲା ତାହା ଆଗାମୀ ଦିନରେ ବଜାୟ ରହିବ ବୋଲି ଦୃଢ ଭାବରେ ଘୋଷଣା କରିଥିଲେ ।

ଏହି ବୈଠକରେ କେନ୍ଦ୍ରୀୟ କାର୍ଯ୍ୟକାରିଣୀର ସଭାପତି ଇଂ. ଶ୍ରୀକାନ୍ତ ମହାପାତ୍ର, ସାଧାରଣ ସମ୍ପାଦକ ଇଂ. ପ୍ରଭାତ କୁମାର ନାୟକ ଯୋଗଦେଇ ସଂଘର ବିଭିନ୍ନ କାର୍ଯ୍ୟକ୍ରମ, ଦାବି ହାସଲ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ, ବିଭିନ୍ନ ବିଭାଗରେ ହୋଇଥିବା ପଦୋନ୍ନତି ଓ ଅନ୍ୟାନ୍ୟ ଛୋଟ ବଡ଼ ସମସ୍ୟା ସମାଧାନ ପାଇଁ ସଂଘ ତରଫରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ବିଷୟରେ ବିସ୍ତୃତ ଭାବରେ ସମସ୍ତଙ୍କୁ ଅବଗତ କରିଥିଲେ । ତତ୍‌ସହିତ ସଂଘ ସମ୍ମୁଖରେ ପ୍ରମୁଖ ଭାବରେ ଦେଖା ଦେଇଥିବା ସମସ୍ୟା ଯଥା- (୧) ୨୦୦୩ରୁ ୨୦୧୩ ମସିହା ମଧ୍ୟରେ ଠିକା ନିଯୁକ୍ତି ପାଇଥିବା ଡିପ୍ଲୋମା ଇଂଜିନିୟର ମାନଙ୍କର ଦରମା ହାରରେ ଅସଂଗତି, (୨) କନିଷ୍ଠ ଯନ୍ତ୍ରୀ ପଦବୀରୁ ସହକାରୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ପାଇଁଥିବା ୭ ବର୍ଷ ନିୟମିତ ଚାକିରୀର କଟକଣା ନ ହଟିବାରୁ ସଂଖ୍ୟାଧିକ ସଦସ୍ୟ ପଦୋନ୍ନତିରୁ ବଞ୍ଚିତ ହେଉଥିବା (୩) ସହକାରୀ ଯନ୍ତ୍ରୀରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ହାର ଶତକଡ଼ା ୫୦ ଭାଗକୁ ବୃଦ୍ଧି (୪) ପଞ୍ଚାୟତିରାଜ ବିଭାଗରେ ବିଭିନ୍ନ ସମସ୍ୟା ସବୁର ସମାଧାନ ପାଇଁ ଏକକ କ୍ୟାଡର ରୁଲ୍ ପ୍ରଚଳନ ଆଦିର ସମାଧାନ ପାଇଁ ସାଙ୍ଗଠନିକ ଶକ୍ତିକୁ ବୃଦ୍ଧି କରିବାର ଆବଶ୍ୟକତା ଥିବା ଦର୍ଶାଇଥିଲେ । ଉପରୋକ୍ତ ସମସ୍ତ ଦାବି ହାସଲ ହେଲେ ଉପକୃତ ହେବାକୁ ଥିବା ସଦସ୍ୟ ସଦସ୍ୟାଙ୍କ ସଂଖ୍ୟା ସହିତ ନୂତନ ନିଯୁକ୍ତି ପାଇଁ ଖାଲିଥିବା ସଂଖ୍ୟାର ଏକ ତଥ୍ୟଭିତ୍ତିକ ପରିସଂଖ୍ୟାନ ସଭାରେ ଉପସ୍ଥାପନ କରିଥିଲେ । ସଂଘର ଏସବୁ ଦାବୀ ହାସଲ ପାଇଁ ସରକାରଙ୍କର ନୀରବତାକୁ ସଭାରେ ଦୃଢ ଭାବରେ ବିରୋଧ କରାଯାଇଥିଲା । ମାନ୍ୟବର ମୁଖ୍ୟମନ୍ତ୍ରୀ, ପୂର୍ତ୍ତ ମନ୍ତ୍ରୀ, ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ତଥା ସମସ୍ତ ବିଭାଗୀୟ ସଚିବମାନଙ୍କୁ ସମସ୍ତ ବିଷୟ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁ ନଥିବାରୁ ସଭାପତି ନିଜର କ୍ଷୋଭ ପ୍ରକାଶ କରିବା ସହିତ ଆଗାମୀ ଦିନରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ପାଇଁ ସମସ୍ତେ ପ୍ରସ୍ତୁତ ହେବା ନିମିତ୍ତ ଅନୁରୋଧ କରିଥିଲେ ।

ଏହି ବୈଠକରେ ସଂଘର ଅବସରପ୍ରାପ୍ତ ପୂର୍ବତନ ସଭାପତି ଇଂ. ରମେଶ ଚନ୍ଦ୍ର ମହାନ୍ତି, ଇଂ. ନିର୍ମଳ ଚନ୍ଦ୍ର ସ୍ୱାଇଁ,

ପୂର୍ବତନ ସାଧାରଣ ସମ୍ପାଦକ ଇଂ. ନରେନ୍ଦ୍ର କୁମାର ନାୟକ, ଇଂ. ସଚିତ୍ର ମୋହନ ରାଉଳ, ପୂର୍ବତନ ବୈତରଣୀ ମହାମଣ୍ଡଳ ସମ୍ପାଦକ ଇଂ. ସୁବଳ ପଣ୍ଡା, ପୂର୍ବତନ ପୁରୀ ମହାମଣ୍ଡଳ ସମ୍ପାଦକ ଇଂ. ଓକିଲ ମହାପାତ୍ର, ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଇଂ. ତନୁଜ କିଶୋର ରାଉତ ପ୍ରମୁଖ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବରେ ଯୋଗଦାନ କରି ବୈଠକରେ ନିଜ ନିଜର ଦୀର୍ଘଦିନର ସାଙ୍ଗଠନିକ ଅଭିଜ୍ଞତାରୁ ଅନେକ ଗୁଡ଼ିଏ ତଥ୍ୟ ଉପସ୍ଥାପନ କରିବା ସହିତ ସଂଘୀୟ କାର୍ଯ୍ୟ ସମ୍ପାଦନରେ କାର୍ଯ୍ୟକର୍ତ୍ତାମାନଙ୍କର ଦାୟିତ୍ୱ, କର୍ତ୍ତବ୍ୟ ବିଷୟ ଉଲ୍ଲେଖ କରିଥିଲେ । ସଂଘର ସାମ୍ପ୍ରତିକ ସ୍ଥିତି, ସାଙ୍ଗଠନିକ ଶକ୍ତି କିପରି ବୃଦ୍ଧି ହେବ ଓ ସଂଘର ଦାବି ଗୁଡ଼ିକ ହାସଲ ସହିତ ବିଭିନ୍ନ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ସଂଘୀୟ ଏକତାର ଆବଶ୍ୟକତା ବିଷୟରେ ବକ୍ତାମାନେ ବକ୍ତବ୍ୟ ରଖିଥିଲେ । ତୃଣମୂଳ ସ୍ତରରୁ ସମସ୍ତଙ୍କୁ ସାମିଲ୍ କରି ସାଙ୍ଗଠନିକ ଶକ୍ତିବୃଦ୍ଧି କରିବା ସହ ମାନସିକ ସ୍ତରରେ ଆନ୍ଦୋଳନ ପାଇଁ ସମସ୍ତେ ପ୍ରସ୍ତୁତ ହେବାପାଇଁ ବକ୍ତାମାନେ ଆହ୍ୱାନ ଦେଇଥିଲେ । ଏଥିନିମିତ୍ତ ବ୍ଲକସ୍ତରରୁ ସଂଗଠନକୁ ସଜାଡ଼ିବା ସହିତ ନୂତନ ଭାବରେ ନିଯୁକ୍ତି ପାଇଥିବା ପ୍ରାୟ ୨୦୦୦ ଊର୍ଦ୍ଧ୍ୱ କନିଷ୍ଠ ଯନ୍ତ୍ରୀଙ୍କୁ ତୁରନ୍ତ ସଂଘର ସଦସ୍ୟଭୁକ୍ତ କରିବା ନିମିତ୍ତ କର୍ମକର୍ତ୍ତାମାନେ ଦାୟିତ୍ୱ ନେବାପାଇଁ ବକ୍ତାମାନେ ପରାମର୍ଶ ଦେଇଥିଲେ । ବିଗତ ଦିନ ଗୁଡ଼ିକରେ ସଂଘ ଯେତେବେଳେ ଯାହା ହାସଲ କରିଛି ସେ ସବୁ କେବଳ ଆନ୍ଦୋଳନ ଯୋଗୁଁ ସମ୍ଭବ ହୋଇଛି, ତେଣୁ ଦାବି ହାସଲ ପାଇଁ ଆନ୍ଦୋଳନ ହିଁ ଏକମାତ୍ର ପନ୍ଥା ବୋଲି ବରିଷ୍ଠ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ ଓ ଏଥିନିମିତ୍ତ ସଂଗଠନକୁ କ୍ରିୟାଶୀଳ କରିବାର ଆବଶ୍ୟକତା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ । ଏସବୁ କ୍ଷେତ୍ରରେ ପୂର୍ବରୁ ଯେଉଁଭଳି ସଫଳତା ମିଳିଛି ବକ୍ତାମାନେ ସେ ସବୁର ଉଦାହରଣ ଦେଇ ସମସ୍ତଙ୍କୁ ସଂଘର ପତାକା ତଳେ ଏକତ୍ରିତ ହେବା ନିମିତ୍ତ ଆହ୍ୱାନ ଦେଇଥିଲେ। ଅନ୍ୟାନ୍ୟ ବିଷୟ ମଧ୍ୟରେ ସଂଘର ଆର୍ଥିକ ସ୍ଥିତିକୁ ମଜଭୁତ କରିବା ପାଇଁ ୨୦୨୬ ବର୍ଷ ପାଇଁ ପ୍ରକାଶନ ହେବାକୁ ଯାଉଥିବା ଓଡ଼ିଶା ଡାଏରୀ ୨୦୨୬ରେ ବହୁଳ ସଂଖ୍ୟାରେ ଡାଏରୀ ବିଜ୍ଞାପନ ରାଶି ସଂଗ୍ରହ କରିବା ନିମିତ୍ତ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।

ଆଲୋଚନାରେ ଅଂଶଗ୍ରହଣ କରି ବୈଠକରେ ଉପସ୍ଥିତ ସଦସ୍ୟମାନେ ମଧ୍ୟ ନିଜ ନିଜର ମତାମତ ରଖିଥିଲେ ଓ କେନ୍ଦ୍ରୀୟ କର୍ମକର୍ତ୍ତା ମାନଙ୍କଠାରୁ ବିଭାଗୀୟ ସମସ୍ୟା ସମାଧାନ ବିଷୟରେ ଜାଣିବାକୁ ଚାହିଁଥିଲେ । ସଭାରେ ଉତ୍‌ଥାପିତ ସମସ୍ତ ପ୍ରଶ୍ନର ଉତ୍ତର ସଂଘର ସଭାପତି ଇଂ. ଶ୍ରୀକାନ୍ତ ମହାପାତ୍ର ଦେଇଥିଲେ। ବୈଠକରେ ସମସ୍ତ ବିଷୟ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା ପରେ ସଂଘର ସମସ୍ତ ନିଷ୍ପତ୍ତିକୁ ପୁରୀଶାଖା ପୂର୍ଣ୍ଣମାତ୍ରାରେ ସମର୍ଥନ ଦେବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା । ଏହି ଅବସରରେ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ଇଂ. ସଚିତ୍ର ମୋହନ ରାଉଳଙ୍କୁ ପୁଷ୍ପଗୁଚ୍ଛ ଓ ମେମେଣ୍ଟୋ ଦେଇ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏଥିସହିତ ଶାଖାର ଉପସଭାପତି ଇଂ. ପରୀକ୍ଷିତ ଖଣ୍ଡୁଆଳଙ୍କୁ ମଧ୍ୟ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ବୈଠକ ପ୍ରାରମ୍ଭରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା ।

ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ୨୦୨୬ ବର୍ଷ ପାଇଁ ଶାଖାର ନୂତନ କର୍ମକର୍ତ୍ତାମାନଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ପୂର୍ବତନ ମହାମଣ୍ଡଳ ସମ୍ପାଦକ ଇଂ.ଓକିଲ ମହାପାତ୍ର ସଭାକାର୍ଯ୍ୟ ପରିଚାଳନା କରିବା ସହିତ ଶାଖାର କର୍ମକର୍ତ୍ତା ଚୟନ କାର୍ଯ୍ୟ ମଧ୍ୟ ପରିଚାଳନା କରିଥିଲେ । ବିଶେଷ ଭାବରେ ଚଳିତ ନିର୍ବାଚନରେ ଅଧିକାଂଶ ଯୁବ ଓ ନୂତନ ସଦସ୍ୟ ଶାଖାର କର୍ମକର୍ତ୍ତା ଭାବରେ ନିର୍ବାଚିତ ହୋଇଥିଲେ । ଦୀର୍ଘ ସମୟ ଧରି ସଭାକାର୍ଯ୍ୟ ଶୃଙ୍ଖଳିତ ଭାବରେ ଶେଷ ହେବା ପରେ ସଭାପତିଙ୍କର ଧନ୍ୟବାଦ ପ୍ରସ୍ତାବ ସହିତ ସଭା ସାଙ୍ଗ କରାଯାଇଥିଲା । ଶେଷରେ ପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କର ଆଶୀର୍ବାଦ କାମନା କରିବା ସହିତ ମହାପ୍ରସାଦ ସେବନ ପରେ ସଭାକାର୍ଯ୍ୟ ଶେଷ ହୋଇଥିଲା । ❑

# ସମ୍ବଲପୁର ଓ ବୁର୍ଲାଶାଖାର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗତ ତା ୧୧.୧୦.୨୦୨୫ରିଖ ଶନିବାର ଦିନ ୧୧ ଘଟିକା ୩୦ ମିନିଟ୍ ସମୟରେ ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବାସଂଘ ସମ୍ବଲପୁର ଓ ବୁର୍ଲା ଶାଖା କମିଟିର ବାର୍ଷିକ ସାଧାରଣ ସଭା ମିଳିତ ଭାବରେ ସମ୍ବଲପୁରସ୍ଥିତ ସ୍ଥାନୀୟ ସଂଘ ଭବନଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ସମ୍ବଲପୁର ଶାଖା ସଭାପତି ଇଂ. ଗୋପାଳ ସ୍ୱରୂପ ପଣ୍ଡା, ଅଧକ୍ଷତା କରିଥିଲେ । ସଭାପତିଙ୍କର ସ୍ୱାଗତ ଅଭିଭାଷଣ ପରେ ସମ୍ବଲପୁର ଶାଖା ସମ୍ପାଦକ ଇଂ. ଇନ୍ଦ୍ରମଣି ସାହୁ ଶାଖାର ବାର୍ଷିକ ବିବରଣୀ ପାଠ କରିଥିଲେ । ସେ ନିଜର ବକ୍ତବ୍ୟରେ ସଂଘର ବିଭିନ୍ନ କାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ। ସେ ନିଜର ବକ୍ତବ୍ୟ ରଖି ସଂଘର ୭ ଦଫା ଦାବି ଓ ସଦସ୍ୟମାନଙ୍କର ଅଭାବ ଅସୁବିଧା, ପଦୋନ୍ନତି ଆଦି ବିଷୟରେ ନିଜର ମତ ଉପସ୍ଥାପନ କରିବା ସହିତ ସାଧାରଣ ସଦସ୍ୟମାନଙ୍କ ମଧରେ ଯେଉଁ ଶିଥିଳତା ମନୋଭାବ ରହିଛି ସେ ବିଷୟରେ ଉଲ୍ଲେଖ କରିଥିଲେ । ତତ୍ ସହିତ ବୁର୍ଲା ଶାଖାର ସଭାପତି ଇଂ. ରଘୁନାଥ ପ୍ରଧାନ ଓ ସମ୍ପାଦକ ଇଂ. ଅଭିଳାଷ ପ୍ରଧାନ ନିଜ ବକ୍ତବ୍ୟରେ ଶାଖାର ବିଭିନ୍ନ କାର୍ଯ୍ୟାବଳୀର ବିସ୍ତୃତ ବିବରଣୀ ରଖିଥିଲେ । ସଭାରେ ଉପସ୍ଥିତି ସଦସ୍ୟ ସଦସ୍ୟାମାନେ ନିଜ ନିଜର ବକ୍ତବ୍ୟ ରଖି ଦାବି ହାସଲ, ବିଭାଗୀୟ ପଦୋନ୍ନତି ଓ ସମସ୍ୟାର ସମାଧାନ ପାଇଁ ସଂଘ ଗ୍ରହଣ କରିଥିବା ପଦକ୍ଷେପ ବିଷୟ ଜାଣିବାକୁ ଚାହିଁଥିଲେ।

ସଭାରେ ଉପସ୍ଥିତ ସଂଘର ସାଧାରଣ ସମ୍ପାଦକ ଇଂ. ପ୍ରଭାତ କୁମାର ନାୟକ ନିଜର ବକ୍ତବ୍ୟରେ ସଂଘର ବିଭିନ୍ନ ସମସ୍ୟା, ଦାବି ପୁରଣରେ ସଂଘ ତରଫରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ଓ ସରକାରୀ ସ୍ତରରେ ଉପୁଜୁଥିବା ସମସ୍ୟା, ବିଭିନ୍ନ ବିଭାଗରେ ପଦୋନ୍ନତିର ସ୍ଥିତି ବିଷୟରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ସଂଘର ୭ ଦଫା ଦାବି ସରକାରଙ୍କ ନିକଟରେ ବିଭିନ୍ନ ସମୟରେ ଉତ୍ଥାପନ କରାଯାଇଥିଲେ ସୁଦ୍ଧା ସରକାର କୌଣସି ପଦକ୍ଷେପ ନେଉନଥିବାରୁ ସେ ନିଜର କ୍ଷୋଭ ପ୍ରକାଶ କରିଥିଲେ। ତେଣୁ ଦାବି ହାସଲ ପାଇଁ ସଂଘର ନିଷ୍ପତ୍ତି ଅନୁଯାୟୀ ସ୍ଥାନୀୟ ବିଧାୟକମାନଙ୍କ ମାଧମରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପଠାଇବା କାର୍ଯ୍ୟ ଶାଖା ସ୍ତରରେ ଠିକ୍ ଭାବରେ କାର୍ଯ୍ୟକାରୀ ହେଉ ନଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ । ସଂଘର ପ୍ରମୁଖ ସମସ୍ୟା ମଧରେ ୨୦୦୩ରୁ ୨୦୧୩ ମସିହା ମଧରେ ନିଯୁକ୍ତ କନିଷ୍ଠ ଯନ୍ତ୍ରୀ ମାନଙ୍କର ଦରମା ହାରରେ ଥିବା ତ୍ରୁଟି ବା ଅସଂଗତି, କନିଷ୍ଠ ଯନ୍ତ୍ରୀ ପଦବୀରୁ ସହକାରୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ପାଇଁ ଥିବା ୭ ବର୍ଷର ନିୟମିତ ଚାକିରୀ ଅବଧି ଭଳି ତ୍ରୁଟିପୂର୍ଣ୍ଣ ନିୟମ ଯୋଗୁଁ ଅଧିକାଂଶ ସଦସ୍ୟ ପଦୋନ୍ନତି ବଞ୍ଚିତ ହେଉଥିବା ଓ ସହକାରୀ ନିର୍ବାହୀଯନ୍ତ୍ରୀ ପଦବୀକୁ ଶତକଡ଼ା ୫୦ ଭାଗ ପଦୋନ୍ନତି ଆଦିର ସମାଧାନ ପାଇଁ ଆନ୍ଦୋଳନାତ୍ମକ କାର୍ଯ୍ୟର ଆବଶ୍ୟକତା ବିଷୟ ସେ ଉଲ୍ଲେଖ କରିଥିଲେ । ଏଥିନିମିତ୍ତ ତୃଣମୂଳ ସ୍ତରରୁ ସଂଗଠନକୁ ସୁଦୃଢ କରି ଆନ୍ଦୋଳନ ପାଇଁ ସମସ୍ତେ ମାନସିକ ସ୍ତରରେ ପ୍ରସ୍ତୁତ ହେବାପାଇଁ ଆହ୍ୱାନ ଦେଇଥିଲେ । ଏହା ବ୍ୟତୀତ ସଂଘର ୨୦୨୬ ବର୍ଷ ପାଇଁ ଡାଏରୀ ପ୍ରକାଶନରେ ଅଧିକରୁ ଅଧିକ ବିଜ୍ଞାପନ ରାଶି ସଂଗ୍ରହ କରି କେନ୍ଦ୍ରକୁ ପଠାଇବା ପାଇଁ ସେ ଅନୁରୋଧ କରିଥିଲେ । ଏହାବ୍ୟତୀତ ସଦସ୍ୟସଦସ୍ୟାମାନଙ୍କ ଦ୍ୱାରା ଉତ୍ଥାପନ କରାଯାଇଥିବା ସମସ୍ତ ପ୍ରଶ୍ନର ଉତ୍ତର ମଧ ଦେଇଥିଲେ ।

ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପର୍ଯ୍ୟାୟ କ୍ରମେ ସମ୍ବଲପୁର ଓ ବୁର୍ଲା ଶାଖାର ୨୦୨୬ବର୍ଷ ନିମିତ୍ତ ନୂତନ କର୍ମକର୍ତ୍ତା ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା । ବୈଠକ ପ୍ରାରମ୍ଭରେ ମା ସମଲେଶ୍ୱରୀଙ୍କ ଫଟୋଚିତ୍ର ନିକଟରେ ପୁଷ୍ପମାଲ୍ୟ ଓ ପ୍ରଦ୍ୱୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ସଭାରେ ସଂଘର ପୂର୍ବତନ ପଶ୍ଚିମାଞ୍ଚଳ ମହାମଣ୍ଡଳ ସମ୍ପାଦକ ଇଂ. ହେମନ୍ତ କୁମାର ମହାପାତ୍ର ଯୋଗଦେଇ ସମସ୍ତ ସଦସ୍ୟ ସଂଘାଭିମୁଖୀ ହୋଇ ଦାବି ହାସଲରେ ସହଯୋଗ କରିବା ନିମିତ୍ତ ପରାମର୍ଶ ଦେଇଥିଲେ । ଏହି ବୈଠରେ କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଇଂ. ବିଶ୍ୱଭୂଷଣ ବେହେରା ଅନ୍ୟତମ ପ୍ରତିନିଧି ଭାବରେ ଯୋଗଦାନ କରିଥିଲେ । ସଭାକାର୍ଯ୍ୟ ଆରମ୍ଭରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଧନ୍ୟବାଦ ପ୍ରସ୍ତାବ ସହିତ ସଭାସାଙ୍ଗ କରାଯାଇଥିଲା । ❑

# ଦେବଗଡ଼ ଶାଖାର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗତ ତା ୧୯.୧୦.୨୦୨୫ରିଖ ରବିବାର ସନ୍ଧ୍ୟା ୫ ଘଟିକା ୩୦ ମିନିଟ୍ ସମୟରେ ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବା ସଂଘ, ଦେବଗଡ଼ ଶାଖାର ବାର୍ଷିକ ସାଧାରଣ ସଭା ଓ ୨୦୨୬ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ ଶାଖା ସଭାପତି ଇଂ. ଟି. ଗୋପାଳକୃଷ୍ଣ ସରାବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି ।

ବାରକୋଟ୍‌ସ୍ଥିତ ଜାତୀୟ ରାଜପଥ ଡାକବଙ୍ଗଳାଠାରେ ଅନୁଷ୍ଠିତ ଏହି ବୈଠକରେ ଯୋଗଦେଇ ସଂଘର ଉପସଭାପତି ଇଂ. ସୁଦର୍ଶନ ବେହେରା ଡିପ୍ଲୋମା ଇଂଜିନିୟରମାନଙ୍କର ବିଭିନ୍ନ ସମସ୍ୟା, ପଦୋନ୍ନତି, ଓଡ଼େଶାର ସାଂପ୍ରତିକ ପରିସ୍ଥିତି, ସାଙ୍ଗଠନିକ ସ୍ଥିତି, ସଂଘର ୭ ଦଫା ଦାବି ବିଷୟରେ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ସେ ସବୁର ସମାଧାନ ପାଇଁ ସଂଘ ତରଫରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଓ ସରକାରୀ ସ୍ତରରୁ ଯେଉଁସବୁ ପ୍ରତିବନ୍ଧକ ଉପୁଜୁଛି ସେ ସବୁର ତଥ୍ୟ ସମସ୍ତଙ୍କର ଅବଗତି ନିମିତ୍ତ ଉପସ୍ଥାପନ କରିଥିଲେ । ଦାବି ହାସଲ ପାଇଁ ସଂଘୀୟ ଶୃଙ୍ଖଳା ସହିତ ସାଙ୍ଗଠନିକ ଶକ୍ତିକୁ ବୃଦ୍ଧି କରିବା ସହିତ ତୃଣମୂଳ ସ୍ତରରୁ ସଂଗଠନକୁ ସୁଦୃଢ଼ କରିବା ଜରୁରୀ ଥିବା ସେ ପ୍ରକାଶ କରିଥିଲେ ଏବଂ ଏହା ନ ହେଲେ ଦାବି ହାସଲ ସମ୍ଭବ ହେବ ନାହିଁ ବୋଲି ପ୍ରକାଶ କରିଥିଲେ। ଆଗାମୀ ଦିନରେ ଦାବି ହାସଲ ପାଇଁ ଆନ୍ଦୋଳନ ନିମିତ୍ତ ସମସ୍ତେ ମାନସିକସ୍ତରରେ ପ୍ରସ୍ତୁତ ହେବାପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଇତିମଧ୍ୟରେ ପ୍ରାୟ ୨୦୦୦ ରୁ ଉର୍ଦ୍ଧ୍ୱ ଡିପ୍ଲୋମା ଇଂଜିନିୟର ନୂତନ ଭାବରେ ଚାକିରୀରେ ଅବସ୍ଥାପିତ ହୋଇଥିବାରୁ ସେମାନଙ୍କୁ ତୁରନ୍ତ ସଂଘର ସଦସ୍ୟଭୁକ୍ତ କରିବାର ଆବଶ୍ୟକତା ରହିଛି ଓ ଏହାଦ୍ୱାରା ସଂଘ ଯେକୌଣସି ଆନ୍ଦୋଳନାତ୍ମକ ପଦକ୍ଷେପ ନେବା ସମ୍ଭବ ହୋଇପାରିବ ବୋଲି ପ୍ରକାଶ କରିଥିଲେ । ଏଥିନିମିତ୍ତ ଶାଖାର କର୍ମକର୍ତ୍ତାମାନେ ତ୍ୱରିତ ପଦକ୍ଷେପ ନେବାର ଆବଶ୍ୟକତା ଥିବା ପ୍ରକାଶ କରିଥିଲେ । ଏଥିସହିତ ନୂତନ ଭାବରେ ନିଯୁକ୍ତି ପାଇଥିବା ସଦସ୍ୟସଦସ୍ୟାମାନେ ସଂଘର ଦାୟିତ୍ୱ ନେବା ନିମିତ୍ତ ଆଗେଇ ଆସିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଏହାବ୍ୟତୀତ ଆଗାମୀ ଦିନରେ ସଂଘର ଡାଏରୀ-୨୦୨୬ ପ୍ରକାଶିତ ହେବାକୁ ଯାଉଛି ଓ ଏଥିରେ ଅଧିକରୁ ଅଧିକ ବିଜ୍ଞାପନ ରାଶି ସଂଗ୍ରହ କରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କେନ୍ଦ୍ରକୁ ପଠାଇବା ନିମିତ୍ତ ସେ ଅନୁରୋଧ କରିଥିଲେ । ବୈଠକରେ ଉପସ୍ଥିତ ସଦସ୍ୟମାନେ ନିଜ ନିଜର ବୃତ୍ତିଗତ ସମସ୍ୟା ଓ ଦାବି ହାସଲ ବିଷୟରେ ଅନେକ ପ୍ରଶ୍ନ ଉତ୍‌ଥାପନ କରିଥିଲେ । ଉପସଭାପତି ସେ ସବୁ ପ୍ରଶ୍ନର ଉତ୍ତର ମଧ୍ୟ ଦେଇଥିଲେ । ସଂଘର କୋଷାଧ୍ୟକ୍ଷ ଇଂ. ମିହିର କୁମାର ମହାପାତ୍ର ଅନ୍ୟତମ କେନ୍ଦ୍ରୀୟ ପ୍ରତିନିଧି ଭାବରେ ଉକ୍ତ ବୈଠକରେ ଉପସ୍ଥିତ ରହି ସଂଘୀୟ ଭାବଧାରାରେ ସାମିଲ୍ ହେବା ନିମିତ୍ତ ସମସ୍ତଙ୍କୁ ଅନୁରୋଧ କରିଥିଲେ ।

ସଂଘର ବିଧିବ୍ୟବସ୍ଥା ଅନୁଯାୟୀ ୨୦୨୬ ବର୍ଷ ପାଇଁ ଦେବଗଡ଼ ଶାଖାର ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟ ସମାପନ କରାଯାଇଥିଲା ଓ ସର୍ବସମ୍ମତି କ୍ରମେ ନୂତନ କର୍ମକର୍ତ୍ତାମାନେ ନିର୍ବାଚିତ ହୋଇଥିଲେ । ଶେଷରେ ଧନ୍ୟବାଦ ପ୍ରସ୍ତାବ ସହିତ ସଭାସାଙ୍ଗ କରାଯାଇଥିଲା । ପୂର୍ବରୁ ମଞ୍ଚାସୀନ ନେତୃମଣ୍ଡଳୀଙ୍କୁ ଶାଖା ତରଫରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ସଭାରେ ଅନେକ ବିଷୟ ଆଲୋଚନା ପରେ ସର୍ବସମ୍ମତି କ୍ରମେ ଅନେକ ଗୁଡ଼ିଏ ପ୍ରସ୍ତାବ ଗୃହୀତ ହୋଇଥିଲା। ସଂଘର ସମସ୍ତ କାର୍ଯ୍ୟରେ ଶାଖା କମିଟି ତରଫରୁ ପୂର୍ଣ୍ଣମାତ୍ରରେ ସହଯୋଗ କରାଯିବା ନିମିତ୍ତ ନିଷ୍ପତ୍ତି ହୋଇଥିଲା । ସଂଘର ଦାବିପତ୍ରକୁ ସ୍ଥାନୀୟ ବିଧାୟକମାନଙ୍କ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ତୁରନ୍ତ ପଠାଇବା ପାଇଁ କର୍ମକର୍ତ୍ତାମାନେ ତ୍ୱରିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ବୈଠକରେ ଶାଖାର ବହୁ ସଦସ୍ୟ ଯୋଗଦାନ କରିଥିଲେ । ❑

# ବଣେଇ ଶାଖାର ବାର୍ଷିକ ସମ୍ମିଳନୀ

ଗତ ତା ୧୯.୧୦.୨୦୨୫ରିଖ ରବିବାର ଦିବା ୧୨ ଘଟିକା ସମୟରେ ବଣେଇ ଶାଖାର ବାର୍ଷିକ ସମ୍ମିଳନୀ ଓ ୨୦୨୬ବର୍ଷ ନିମିତ୍ତ ଶାଖାର କର୍ମକର୍ତ୍ତା ନିର୍ବାଚନ କାର୍ଯ୍ୟ ସ୍ଥାନୀୟ ଜଳସେଚନ ଡାକବଙ୍ଗଳାଠାରେ ଶାଖା ସଭାପତି ଇଂ. ବ୍ରଜବନ୍ଧୁ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସଭାପତିଙ୍କ ସ୍ୱାଗତ ଅଭିଭାଷଣ ପରେ ଶାଖା ସମ୍ପାଦକ ଇଂ. ବିକାଶ ସିଂ ଦଣ୍ଡସେନା ଶାଖାର ବିଭିନ୍ନ କାର୍ଯ୍ୟକ୍ରମ, ଶାଖା ସଦସ୍ୟମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ଉଲ୍ଲେଖ କରିଥିଲେ। ବୈଠକରେ ଉପସ୍ଥିତ ସଦସ୍ୟମାନେ ମଧ୍ୟ ସଂଘର ଦାବିର ଅଗ୍ରଗତି ବିଷୟରେ ଜାଣିବାକୁ ଚାହିଁଥିଲେ ।

ବୈଠକରେ ସଂଘର ଉପସଭାପତି ଇଂ. ସୁଦର୍ଶନ ବେହେରା ଯୋଗଦେଇ ସଂଘର ୭ ଦଫା ଦାବିର ସାମ୍ପ୍ରତିକ ସ୍ଥିତି, ବିଭିନ୍ନ ବିଭାଗରେ ପଦୋନ୍ନତି ଓ ଅନ୍ୟାନ୍ୟ ବିଷୟରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ । ବିଶେଷକରି ୨୦୦୩ ଠାରୁ ୨୦୧୩ ମସିହା ମଧ୍ୟରେ ଠିକାରେ ନିଯୁକ୍ତି ପାଇଥିବା ପ୍ରାୟ ୨୦୦୦ ରୁ ଊର୍ଦ୍ଧ୍ୱ କନିଷ୍ଠ ଯନ୍ତ୍ରୀ ମାନଙ୍କର ଦରମା ହାରରେ ଅସଂଗତି ଓ କନିଷ୍ଠ ଯନ୍ତ୍ରୀରୁ ସହକାରୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ପାଇଁ ଥିବା ସାତ ବର୍ଷ ନିୟମିତ ଚାକିରୀର ପ୍ରତିବନ୍ଧକ ଯୋଗୁଁ ପ୍ରାୟ ୨୦୦୦ କନିଷ୍ଠ ଯନ୍ତ୍ରୀ ପଦୋନ୍ନତିରୁ ବଞ୍ଚିତ ହେଉଛନ୍ତି । ଏହା ବ୍ୟତୀତ ସହକାରୀ ଯନ୍ତ୍ରୀରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ହାର ଶତକଡ଼ା ୪୦ ଭାଗରୁ ୫୦%କୁ ବୃଦ୍ଧି ହେଲେ ଅଧିକାଂଶ ସହକାରୀ ଯନ୍ତ୍ରୀ ଏହାର ସୁଫଳ ପାଇପାରିବେ ଓ ଏ ସବୁ ସମସ୍ୟାର ସମାଧାନ ନିମିତ୍ତ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜରୁରୀ ଥିବା ସେ ପ୍ରକାଶ କରିଥିଲେ । ଏହାକୁ ହାସଲ କରିବାକୁ ହେଲେ ସମସ୍ତଙ୍କୁ ତୃଣମୂଳ ସ୍ତରରୁ ସଂଗଠିତ କରି ମାନସିକ ସ୍ତରରେ ସମସ୍ତେ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେବା ନିମିତ୍ତ ସେ ଆହ୍ୱାନ ଦେଇଥିଲେ। ଏହା ବ୍ୟତୀତ ବିଗତ ଦିନରେ ବିଭିନ୍ନ ବିଭାଗରେ ହୋଇଥିବା ପଦୋନ୍ନତି, ବିଭାଗୀୟ ବୃତ୍ତିଗତ ସମସ୍ୟାର ସମାଧାନ ପାଇଁ ସଂଘ ଗ୍ରହଣ କରିଥିବା ପଦକ୍ଷେପ ବିଷୟ ସମସ୍ତଙ୍କୁ ଅବଗତ କରିବା ସହିତ ସଦସ୍ୟମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ମଧ୍ୟ ସେ ଦେଇଥିଲେ ।

ଏହା ବ୍ୟତୀତ ସଂଘର ଡାଏରୀ-୨୦୨୬ ନିମିତ୍ତ ଅଧିକରୁ ଅଧିକ ସଂଖ୍ୟାର ବିଜ୍ଞାପନ ରାଶି ସଂଗ୍ରହ କରି କେନ୍ଦ୍ରକୁ ପଠାଇବା ପାଇଁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଆଗାମୀ ଦିନରେ ସଂଘ ଦ୍ୱାରା ଯେଉଁସବୁ ନିଷ୍ପତ୍ତି ନିଆଯିବ ତା'ର ସଫଳ ରୂପାୟନ ପାଇଁ ସମସ୍ତେ ସହଯୋଗ କରିବା ନିମିତ୍ତ ଅନୁରୋଧ କରିଥିଲେ ।

ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ୨୦୨୬ ବର୍ଷ ପାଇଁ ଶାଖାର ନୂତନ କର୍ମକର୍ତ୍ତାମାନଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା । ଆଗାମୀ ଦିନରେ ନୂତନ ଭାବରେ ଚାକିରିରେ ଯୋଗଦାନ କରିଥିବା ଡିପ୍ଲୋମା ଇଂଜିନିୟର ମାନଙ୍କୁ ତୁରନ୍ତ ସଂଘର ସଦସ୍ୟଭୁକ୍ତ କରିବା ପାଇଁ ନିଷ୍ପତ୍ତି ଗୃହୀତ ହୋଇଥିଲା । ସଭାରେ ଶାଖାର ସଦସ୍ୟମାନେ ବହୁତ ସଂଖ୍ୟାରେ ଯୋଗଦାନ କରିଥିଲେ । ଏହି ବୈଠକରେ ସଂଘର କୋଷାଧ୍ୟକ୍ଷ ଇଂ. ମିହିର କୁମାର ମହାପାତ୍ର ଉପସ୍ଥିତ ରହି ସଂଘର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ। ଶେଷରେ ଧନ୍ୟବାଦ ପ୍ରସ୍ତାବ ସହିତ ସଭାକାର୍ଯ୍ୟ ସମାପନ ହୋଇଥିଲା । ❑

★ ନିଜର ଭୁଲ୍‌କୁ ସାଦରେ ଗ୍ରହଣ କଲେ, ଆଗାମୀ ଦିନରେ ଏହା ଜଣେ ବ୍ୟକ୍ତିଙ୍କୁ ଉଚିତ୍ ମାର୍ଗ ପ୍ରଦର୍ଶନ କରିଥାଏ ।

★ ଭୁଲ୍ ନହେଲେ ଠିକ୍ କାର୍ଯ୍ୟ ଶିଖିବାର ମନ୍ତ୍ର ମିଳିନଥାଏ । ଭୁଲ୍ କରିବା ପରେ ଜଣେ ବ୍ୟକ୍ତି ଅଧିକ ଦାୟୀତ୍ୱବାନ୍ ହୋଇ ପ୍ରତ୍ୟେକ କାର୍ଯ୍ୟକୁ ସଠିକ୍ ସମ୍ପାଦନ କରିବାକୁ ଚେଷ୍ଟା କରେ ।

★ ଚୁଗୁଲି କରୁଥିବା ଲୋକଙ୍କଠାରୁ ସଫଳତାର ରାସ୍ତା ସମ୍ପର୍କରେ କୌଣସି ବାଣୀ ନେବା ଅନୁଚିତ୍ । ଏହି ବ୍ୟକ୍ତିଙ୍କୁ ସେମାନଙ୍କ କାର୍ଯ୍ୟକଳାପରୁ ଜାଣିହେବ ।

# ସୁନ୍ଦରଗଡ଼ ଶାଖା କମିଟି ସମାଚାର

ସୁନ୍ଦରଗଡ଼, ତା ୧୧।୧୦।୨୦୨୫ : ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବାସଂଘ ସୁନ୍ଦରଗଡ଼ ଶାଖାର ବାର୍ଷିକ ସାଧାରଣ ସଭା ଓ ୨୦୨୬ବର୍ଷ ନିମିତ୍ତ ନୂତନ କାର୍ଯ୍ୟକର୍ତ୍ତା ଚୟନ କାର୍ଯ୍ୟ ସ୍ଥାନୀୟ ପୂର୍ତ୍ତବିଭାଗ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ବାର୍ଷିକ ସାଧାରଣ ସଭାରେ ଶାଖା ସଭାପତି ଇଂ. ମହେନ୍ଦ୍ର କୁମାର ଅମାତ୍ ଅଧ୍ୟକ୍ଷତା କରିଥିବା ସମୟରେ ଶାଖା ସମ୍ପାଦକ ଇଂ. ରାଧାଶ୍ୟାମ ଦାସ ଶାଖାର ବାର୍ଷିକ ବିବରଣୀ ସଭାରେ ଉପସ୍ଥାପନ କରିଥିଲେ । ସଂଘର ୭ ଦଫା ଦାବି, ପଞ୍ଚାୟତିରାଜ ବିଭାଗ ସହିତ ଅନ୍ୟାନ୍ୟ ବିଭାଗରେ ହେବାକୁ ଥିବା ପଦୋନ୍ନତି ଓ ଅନ୍ୟାନ୍ୟ ସମସ୍ୟା ସମାଧାନର ଅଗ୍ରଗତି, ସଦସ୍ୟ ସଦସ୍ୟାମାନଙ୍କର ବୃତ୍ତିଗତ ସମସ୍ୟା ଏବଂ ଶାଖା କମିଟିର ବିଭିନ୍ନ କାର୍ଯ୍ୟାବଳୀ ଉପରେ ବିସ୍ତୃତ ବିବରଣୀ ଦେଇଥିଲେ । ସମସ୍ତ ସମସ୍ୟାର ସମାଧାନ ନିମିତ୍ତ ସେ କେନ୍ଦ୍ରୀୟ କାର୍ଯ୍ୟକାରିଣୀର ତ୍ୱରୀତ ପଦକ୍ଷେପ ପାଇଁ ପ୍ରସ୍ତାବ ରଖିଥିଲେ ।

